## ଭରତପୁରରେ ମଦ ଦୋକାନ ସିଲ୍

**ଭୁବନେଶ୍ୱର,ବ୍ୟୁରୋ):** ଭରତପୁର ଥାନା ଅନ୍ତର୍ଗତ ନାକାଗେଟ ନିକଟରେ ଥିବା ବିଦେଶୀ ମଦ ଦୋକାନକୁ ପୋଲିସ ସିଲ କରିଛି। ଏହି ଦୋକାନ ପକ୍ଷରୁ ଅନଲାଇନ ପରିବର୍ତ୍ତେ କୋଭିଡ୍ କଟକଣାକୁ ଉଲ୍ଲଂଘନ କରି ଅଫଲାଇନରେ ମଦ ବିକ୍ରି କରାଯାଉଥିଲା। ବୁଧବାର ସନ୍ଧ୍ୟାରେ ମଦ ଦୋକାନ ନିକଟରେ ଗ୍ରାହକଙ୍କ ଭିଡ଼ ଜମିବା ନେଇ ପୋଲିସକୁ ଖବର ମିଳିବା ପରେ ଚଢ଼ାଉ କରାଯାଇଥିଲା। ସେଠାରେ ଉପସ୍ଥିତ ଗ୍ରାହକ ଛତ୍ରଭଙ୍ଗ ଦେଇଥିଲେ। ପୋଲିସ ଉକ୍ତ ମଦ ଦୋକାନ ସିଲ୍ କରିବା ସହ କର୍ମଚାରୀଙ୍କୁ ତାଗିଦ୍ କରିଥିଲା। ଦୋକାନ ଷ୍ଟକ ଯାଞ୍ଚ କରିବା ନେଇ ଅବକାରୀ ବିଭାଗକୁ ଅବଗତ କରାଯାଇଛି।



## ସଂକ୍ଷେପରେ

### ଜାଗା ଦେବାକୁ କହି ୧୧ଲକ୍ଷ ଟଙ୍କା ଠକେଇ

**ମହିଳା ଗିରଫ, ସ୍ୱାମୀ ଫେରାର**

**ଭୁବନେଶ୍ୱର,୨।୬(ବ୍ୟୁରୋ):** ସମ୍ବଲପୁରରେ ଜମି ଦେବାକୁ କହି ଏକ ଦମ୍ପତି ୧୬ଲକ୍ଷ ଟଙ୍କା ଠକି ନେଇଥିଲେ। ଅଭିଯୋଗ ପରେ ପୋଲିସ ବୁଧବାର ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଥିବାବେଳେ ତାଙ୍କ ସ୍ୱାମୀ ଫେରାର ହୋଇଯାଇଛନ୍ତି। ଗିରଫ ମହିଳା ହେଲେ ବରଗଡ଼ ଜିଲା ଅମ୍ବାଭନାର ଭାରତୀ ସିଧାର। ଭାରତୀଙ୍କ ସ୍ୱାମୀ ଭୀଷ୍ମ ସିଧାରଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଜୟଶ୍ରୀ ନାୟକଙ୍କ ସ୍ୱାମୀ ଓ ଅଭିଯୁକ୍ତ ଭୀଷ୍ମ ସିଧାର ଉଭୟ ଭୁବନେଶ୍ୱରସ୍ଥିତ ସିଆର୍‌ପିଏଫରେ କାର୍ଯ୍ୟ କରନ୍ତି। ଜୟଶ୍ରୀଙ୍କ ସ୍ୱାମୀ ସମ୍ବଲପୁରରେ କାର୍ଯ୍ୟରତ ଥିବାବେଳେ ସେଠାରେ ଏକ ଜାଗା କିଣିବାକୁ ଇଚ୍ଛା କରିଥିଲେ। ଏହି ସମୟରେ ଭୀଷ୍ମ ଓ ତାଙ୍କ ସ୍ତ୍ରୀ ଭାରତୀ ସମ୍ବଲପୁରରେ ଥିବା ତାଙ୍କ ଜାଗା ବିକ୍ରି କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ। ୨୦୧୭ରେ ଜାଗା ବିକ୍ରି କରିବା ବାବଦରେ ଅଭିଯୁକ୍ତ ଦ୍ୱୟ ଜୟଶ୍ରୀଙ୍କ ସ୍ୱାମୀଙ୍କଠାରୁ ୧୧ଲକ୍ଷ ଟଙ୍କା ନେଇଥିଲେ। ହେଲେ ଟଙ୍କା ନେବାର ଦୀର୍ଘ ୪ବର୍ଷ ପରେ ମଧ ସେମାନେ ଜାଗା ଦେଇ ନ ଥିଲେ। ଜୟଶ୍ରୀ ଓ ତାଙ୍କ ସ୍ୱାମୀ ବାରମ୍ବାର ଯୋଗାଯୋଗ କରିଥିଲେ ମଧ ସେମାନେ ଧରାଛୁଆଁ ଦେଇ ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ଏନେଇ ଜୟଶ୍ରୀ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ।

### କାର୍ କାଚ ଭାଙ୍ଗି ଚୋରି ବେଳେ ଧରାପଡ଼ିଲେ ଯୁବକ

**ଭୁବନେଶ୍ୱର,୨।୬(ବ୍ୟୁରୋ):** ଭରତପୁର ଥାନା ଅନ୍ତର୍ଗତ ପାତ୍ରପଡ଼ା ଫୁଲେଶ୍ୱରୀ ବସ୍ତିରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କାର୍ କାଚ ଭାଙ୍ଗି ଟଙ୍କା ଚୋରି କରୁଥିବା ସମୟରେ ଜଣେ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରିଛନ୍ତି। ଲୋକେ ଯୁବକଙ୍କୁ ମାଡ଼ ମାରି ଭରତପୁର ଥାନା ପୋଲିସ ଜିମା ଦେଇଥିଲେ। ଅଭିଯୁକ୍ତ ଜଣକ ହେଉଛନ୍ତି ମିଥୁନ ମାରାଣ୍ଡି(୨୫)।

### ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ

**କଟକ ଅଫିସ, ୨।୬:** ଧରିତ୍ରୀର କଟକ ଖବରଦାତା ଅଭିଜିତ୍ ଚନ୍ଦ୍ରଙ୍କ ବାପା ତଥା ସାମାଜିକ କର୍ମୀ ସମୀର ସ୍ୱିଶ୍ୱ ଚନ୍ଦ୍ର(୯୧)ଙ୍କର ଚୌଧୁରୀବଜାରସ୍ଥିତ ବାସଭବନରେ ବୁଧବାର ସକାଳେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଅଭିଜିତ୍, ଦୁଇ ବୋହୂ, ଝିଅ, ଜ୍ୱାଇଁ ଓ ନାତି ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସମୀରଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ଖାନ୍‌ନଗରସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଅଭିଜିତ୍ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସମୀର ନିଜ ଜୀବନର ଅଧିକାଂଶ ସମୟ ସମାଜସେବାରେ ନିୟୋଜିତ ରଖିଥିଲେ।



# ରାଜଧାନୀରେ ସଂକ୍ରମଣ କମୁନି

**୨୪ଘଣ୍ଟାରେ ୧,୧୦୨ ଆକ୍ରାନ୍ତ ଚିହ୍ନଟ**

**ଭୁବନେଶ୍ୱର, ୨।୬(ବ୍ୟୁରୋ)**

ରାଜଧାନୀରେ ଗତ କିଛି ଦିନ ହେବ ସଂକ୍ରମଣ ହ୍ରାସ ପାଇଥିବା ବେଳେ ଏବେ ପୁଣି ଉପରମୁହାଁ ହୋଇଛି। ଗତ ୨୪ଘଣ୍ଟାରେ ୧,୧୦୨ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୭୪୯ ଜଣ ସ୍ଥାନୀୟ ଆକ୍ରାନ୍ତ ଥିବାବେଳେ ୧୬୯ଜଣ କ୍ୱାରାଣ୍ଟାଇନ ସେଣ୍ଟରର ବୋଲି ବୁଧବାର ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରେ ଖଣ୍ଡଗିରିରୁ ୫୪, ପୁରୁଣା ଭୁବନେଶ୍ୱର ୪୭, ପଟିଆ ୪୨, ଚନ୍ଦ୍ରଶେଖରପୁର ୩୭, ପାତ୍ରପଡ଼ାରୁ ୩୧ ଜଣ ରହିଛନ୍ତି। ସେହିପରି ବରମୁଣ୍ଡାରୁ ୨୯, ଲକ୍ଷ୍ମୀସାଗର ୨୭, ନୟାପଲ୍ଲୀ ୨୫, ଶୈଳଶ୍ରୀ ବିହାର ୨୪, ଡୁମଡୁମାରୁ ୨୧ଜଣ ରହିଛନ୍ତି। ଅନ୍ୟ ସ୍ଥାନରେ ୨୦ତଳକୁ ସଂକ୍ରମଣ ଚିହ୍ନଟ ହୋଇଥିବା ବେଳେ ଭୁବନେଶ୍ୱରରେ ମୋଟ ସଂକ୍ରମିତ ସଂଖ୍ୟା ୭୭,୬୭୬କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଆଉ ୯୧୮ଜଣ ସୁସ୍ଥ ହୋଇଛନ୍ତି। ଫଳରେ ମୋଟ ଆରୋଗ୍ୟ ସଂଖ୍ୟା ୬୬,୩୨୪ରେ ପହଞ୍ଚିଛି ଏବଂ ଏବେ ୧୦,୯୮୮ ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ଟିକା ନେଲେ ଜରାଶ୍ରମ ଅନ୍ତେବାସୀ

**ଭୁବନେଶ୍ୱର, ୨।୬(ବ୍ୟୁରୋ)**



ଜଣେ ଅନ୍ତେବାସୀଙ୍କୁ ଟିକା ଦିଆଯାଉଛି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ କେତେକ ସ୍ୱତନ୍ତ୍ର ବର୍ଗଙ୍କ ପାଇଁ ଟିକା ବ୍ୟବସ୍ଥାକୁ ଏବେ ପ୍ରାଥମିକତା ଦିଆଯାଉଛି। ବିଶେଷକରି ବୟୋଜ୍ୟେଷ୍ଠ ବୃଦ୍ଧାବୃଦ୍ଧଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ କମିଶନର ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶରେ ଜରାଶ୍ରମ ଅନ୍ତେବାସୀଙ୍କୁ ଟିକା ଦେବାର ବ୍ୟବସ୍ଥା କରାଯାଇଛି। ବୁଧବାର ଟଙ୍କପାଣି ରୋଡ୍ ପାଣ୍ଡବନଗରସ୍ଥିତ କ୍ରିଷ୍ଟା ଓଲ୍ଡ ଏଜ୍ ହୋମ୍‌ର ୪୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀଙ୍କୁ କୋଭିଡ୍-୧୯ ପ୍ରତିଷେଧକ ଟିକା ଦିଆଯାଇଛି। ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗର ମିଳିତ ସହଯୋଗରେ ଏହି ଟିକାକରଣ କରାଯାଇଛି।

ବିଏମ୍‌ସି ଦକ୍ଷିଣ-ପୂର୍ବ ଜୋନ୍ ପରିସରରେ ରହିଥିବା ଉକ୍ତ ଜରାଶ୍ରମର ତିନୋଟି କେନ୍ଦ୍ର ଯଥା ଟଙ୍କପାଣି ରୋଡ୍ ନିକଟସ୍ଥ ପାଣ୍ଡବ ନଗର କେନ୍ଦ୍ର, ପୁରୁଣା ଭୁବନେଶ୍ୱରର କେଉଟସାହି ନିକଟସ୍ଥ ଆନନ୍ଦ ଆଶ୍ରମ ଏବଂ ନୂଆଗାଁ ନିକଟସ୍ଥ କେନ୍ଦ୍ରରେ ଟିକାକରଣ ଟିମ୍ ପହଞ୍ଚି ସମସ୍ତ ଅନ୍ତେବାସୀଙ୍କୁ ଟିକା ଦେଇଥିଲେ। ଟିକା ଦେବା ପରେ କୌଣସି ପ୍ରକାର ପାର୍ଶ୍ୱ ପ୍ରତିକ୍ରିୟାକୁ ଲକ୍ଷ୍ୟ କରିବା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ଟିକାକରଣ ସରିବାର ୪୫ ମିନିଟ୍ ପର୍ଯ୍ୟନ୍ତ ଟିକାକରଣ ଦଳ ସେଠାରେ ରହି ଅନ୍ୟ କେନ୍ଦ୍ରକୁ ଯାଉଥିଲେ। ନିର୍ଭରଶୀଳ ବୟସରେ ଆମ ପାଖକୁ ଆସି ଟିକା ଦେବା ଏବଂ କୋଭିଡ୍ ଭଳି ମହାମାରୀରୁ ଆମକୁ ଦୂରେଇ ରଖିବାର ଯେଉଁ ପଦକ୍ଷେପ ବିଏମ୍‌ସି ପକ୍ଷରୁ ନିଆଯାଇଛି ସେଥିପାଇଁ ଆମେ କୃତଜ୍ଞ। ସରକାରଙ୍କ ଏଭଳି ପଦକ୍ଷେପ ସମାଜର ସମସ୍ତ ବର୍ଗଙ୍କ ହୃଦୟକୁ ଛୁଇଁଛି ବୋଲି ଜଣେ ଅନ୍ତେବାସୀ ତଥା ଅବସରପ୍ରାପ୍ତ ଅଧ୍ୟାପକ ପ୍ରିୟବ୍ରତ ନନ୍ଦ କହିଛନ୍ତି। । ଟିକାଦାନ ପରେ ସମୁଦାୟ ପ୍ରକ୍ରିୟାକୁ ସଂଯୋଜନା କରୁଥିବା ଦକ୍ଷିଣ ପୂର୍ବ ଜୋନ୍‌ର ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥ ଅନ୍ତେବାସୀମାନଙ୍କ ସୁସ୍ଥତା ଏବଂ ପରିମଳ ପ୍ରତି ସତର୍କତା ଏବଂ ଜରାଶ୍ରମର ପରିଚ୍ଛନ୍ନତା ଉପରେ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ସହ ନିରନ୍ତର କୋଭିଡ୍ ନିୟମ ମାନିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବିଏମ୍‌ସି ଏବଂ ସ୍ୱାସ୍ଥ୍ୟ ବିଭାଗର ଏହି ସହଯୋଗ ପାଇଁ କ୍ରିଷ୍ଟା ଓଲ୍ଡଏଜ୍ ହୋମ୍‌ର ପ୍ରତିଷ୍ଠାତା ରାଜେଶ ମହାପାତ୍ର କୃତଜ୍ଞତା ଜଣାଇଛନ୍ତି।

## ବିଜୟଶ୍ରୀ ରାଉତରାୟଙ୍କ ବିୟୋଗରେ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

“ ସ୍ୱର୍ଗତ ରାଉତରାୟ ଜଣେ ଦରଦୀ, ପରୋପକାରୀ, ସରଳ ଓ ଅମାୟିକ ରାଜନେତା ଥିଲେ। ତାଙ୍କ ଜୀବନ ଦରିଦ୍ର, ଅବହେଳିତଙ୍କ ପାଇଁ ସମର୍ପିତ ଥିଲା।

**- ସୂର୍ଯ୍ୟନାରାୟଣ ପାତ୍ର, ବାଚସ୍ପତି**

“ ସ୍ୱର୍ଗତ ରାଉତରାୟ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନେତା ଥିଲେ। ତାଙ୍କ ବିୟୋଗ ସମଗ୍ର ଓଡ଼ିଶା ପାଇଁ ଏକ ବିରାଟ କ୍ଷତି।

**-ରଜନୀକାନ୍ତ ସିଂ, ଉପବାଚସ୍ପତି**

“ ସେ ଜଣେ ଜନପ୍ରିୟ ରାଜନେତା ଓ ଦକ୍ଷ ପ୍ରଶାସକ ଥିଲେ। ଲଗାତର ୬ଥର ବିଧାନସଭାକୁ ନିର୍ବାଚିତ ହେବା ତାଙ୍କ ଲୋକପ୍ରିୟତାର ପ୍ରମାଣ ଦିଏ।

**- ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ**

“ ବିଜୟଶ୍ରୀ ରାଉତରାୟ ୬ଥର ବିଧାୟକ ରହିଥିବାବେଳେ ବିଭିନ୍ନ ସମୟରେ ମନ୍ତ୍ରୀମଣ୍ଡଳରେ ଦାୟିତ୍ୱ ନେଇ ରାଜ୍ୟର ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ତାଙ୍କର ବିୟୋଗ ରାଜନୈତିକ ଜଗତ ପାଇଁ ଅପୂରଣୀୟ କ୍ଷତି।

**- ରଘୁନନ୍ଦନ ଦାସ, ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ**

“ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବେ ଦାୟିତ୍ୱରେ ରହି ସ୍ୱର୍ଗତ ରାଉତରାୟ ଅନେକ ଯୋଜନାକୁ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ବିକାଶ ପାଇଁ ସେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହାକୁ ଅଞ୍ଚଳବାସୀ ଭୁଲିପାରିବେ ନାହିଁ।

**- ପ୍ରଫୁଲ୍ଲ କୁମାର ମଲ୍ଲିକ, ଇସ୍ପାତ ଓ ଖଣି, ପୂର୍ବ ମନ୍ତ୍ରୀ**

“ ପୂର୍ବତନ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ଦେହାନ୍ତ ଖବର ଶୁଣି ମୁଁ ଗଭୀର ଦୁଃଖିତ ଓ ମର୍ମାହତ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛି।

**- ନବ କିଶୋର ଦାସ, ସ୍ୱାସ୍ଥ୍ୟ ମନ୍ତ୍ରୀ**

“ ରାଉତରାୟଙ୍କ ବିୟୋଗ ଓଡ଼ିଶା ରାଜନୀତିରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସେ ଜଣେ ଦକ୍ଷ ରାଜନେତା। ତାଙ୍କ ଅମାୟିକ ବ୍ୟକ୍ତିତ୍ୱ ଦୀର୍ଘଦିନ ଜନମାନସରେ ଉଜ୍ଜୀବିତ ରହିବ।

**- ଅରୁଣ କୁମାର ସାହୁ, ଉଚ୍ଚଶିକ୍ଷା ମନ୍ତ୍ରୀ**

“ ସ୍ୱର୍ଗତ ରାଉତରାୟଙ୍କ ରାଜନୈତିକ ଜୀବନ, ଲୋକପ୍ରିୟତା ଓ ସମାଜସେବାକୁ ରାଜ୍ୟବାସୀ କେବେ ବି ଭୁଲିପାରିବେ ନାହିଁ। ତାଙ୍କର ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି।

**- ସମୀର ରଞ୍ଜନ ଦାଶ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ**

“ ସ୍ୱର୍ଗତ ରାଉତରାୟଙ୍କ ପରି ମିଷ୍ଟଭାଷୀ, ଅମାୟିକ ତଥା ଜନପ୍ରିୟ ରାଜନେତା ଓଡ଼ିଶା ରାଜନୀତିରେ ବିରଳ। ତାଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି।

**- ସୁଶାନ୍ତ ସିଂହ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ**

“ ସ୍ୱର୍ଗତ ରାଉତରାୟ ବାସୁଦେବପୁର ନିର୍ବାଚନ ମଣ୍ଡଳୀରୁ ୬ ଥର ନିର୍ବାଚିତ ହୋଇଥିଲେ ଏବଂ ସେ ବାସୁଦେବପୁର ଅଞ୍ଚଳର ବିକାଶ ପାଇଁ ଚିରସ୍ମରଣୀୟ ହୋଇ ରହିବେ।

**- ପ୍ରତାପ ଜେନା, ଆଇନ ମନ୍ତ୍ରୀ**

“ ସ୍ୱର୍ଗତ ରାଉତରାୟ ବାସୁଦେବପୁର ଅଞ୍ଚଳର ବିକାଶ ନିମନ୍ତେ ଯେଉଁ କାର୍ଯ୍ୟ କରିଯାଇଛନ୍ତି ତାହା ସର୍ବଦା ଅଞ୍ଚଳବାସୀଙ୍କ ପାଇଁ ସ୍ମରଣୀୟ ହୋଇରହିବ। ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ମନ୍ତ୍ରୀ ଭାବେ ସଫଳତାର ସହ ସେ କାର୍ଯ୍ୟ ତୁଲାଇଥିଲେ।

**- ନିରଞ୍ଜନ ପୂଜାରୀ, ଅର୍ଥ, ଅବକାରୀ ମନ୍ତ୍ରୀ**

“ ସ୍ୱର୍ଗତ ରାଉତରାୟ ଅମାୟିକ ବ୍ୟବହାର ପାଇଁ ସମସ୍ତଙ୍କର ପ୍ରିୟପାତ୍ର ଥିଲେ। ତାଙ୍କ ବିୟୋଗରେ ରାଜ୍ୟ ରାଜନୀତିରେ ଏକ ଅପୂରଣୀୟ କ୍ଷତି ହେଲା।

**- ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଖାଦ୍ୟଯୋଗାଣ ମନ୍ତ୍ରୀ**

“ ସେ ଜଣେ ଦକ୍ଷ, ଜନପ୍ରିୟ, ଲୋକହିତରେ ବ୍ରତୀ ନିଆରା ନେତା ଥିଲେ। ନିଜର ମେଧା, ଗଭୀର ଅନୁଶୀଳନ ଓ ଦୀର୍ଘ ଅନୁଭୂତି ବଳରେ ସେ କାର୍ଯ୍ୟ କରିଥିବା ବିଭିନ୍ନ ବିଭାଗରେ ସଫଳତାର ଛାପ ଛାଡ଼ିଯାଇଛନ୍ତି।

**- ସୁଦାମ ମାର୍ଣ୍ଡି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ**

“ ଜଣେ ବନ୍ଧୁବତ୍ସଳ, ପରୋପକାରୀ, ମାନବବାଦୀ ଓ ଶିକ୍ଷାବିତ୍ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ସେ ଓଡ଼ିଶାର ଅଣକଂଗ୍ରେସ ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲେ। ତାଙ୍କ ବିୟୋଗ ସମଗ୍ର ରାଜ୍ୟ ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି।

**-ସଞ୍ଜୟ ଦାସବର୍ମା, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ**

“ ସ୍ୱର୍ଗତ ରାଉତରାୟଙ୍କ ବିୟୋଗରେ ମୁଁ ଗଭୀର ମର୍ମାହତ। ଓଡ଼ିଶା ଜଣେ ଦକ୍ଷ ଓ ଜନପ୍ରିୟ ନେତାଙ୍କୁ ହରାଇଲା। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି।

**-ଅଶୋକ ଚନ୍ଦ୍ର ପଣ୍ଡା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ।**

## ‘ଘରେ ଘରେ ମାସ୍କ’ କାର୍ଯ୍ୟକ୍ରମ





ଏକାମ୍ର- ଭୁବନେଶ୍ୱର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା କୋଭିଡ୍ ଯୋଦ୍ଧାମାନଙ୍କୁ ପିପିଇ କିଟ୍ ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର/ ପୁରୁଣା ଭୁବନେଶ୍ୱର, ୨।୬(ବ୍ୟୁରୋ/ (ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବୁଧବାର ଏକାମ୍ର ନିର୍ବାଚନମଣ୍ଡଳୀର ଗଙ୍ଗନଗର କମ୍ୟୁନିଟି ସେଣ୍ଟରରେ ଘରେ ଘରେ ମାସ୍କ ବଣ୍ଟନ କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠି ଅନୁଦାନରେ କରାଯାଉଛି। ଏକାମ୍ର ନିର୍ବାଚନମଣ୍ଡଳୀର ତେଜସ୍ୱିନୀ ମିଶନ ଶକ୍ତି ମହାସଂଘ ସହଯୋଗରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ କପଡ଼ା ମାସ୍କ ପ୍ରତ୍ୟେକ ଘରେ ନିଃଶୁଳ୍କ ବଣ୍ଟନ କରାଯିବ। ଏହା ଦ୍ୱାରା ମହିଳାମାନେ ମାସ୍କ ତିଆରି କରି ଆର୍ଥିକ ସ୍ୱାବଲମ୍ବୀ ହେବେ। ଏଥିସହିତ ମନ୍ତ୍ରୀ ପଣ୍ଡା ପ୍ରତ୍ୟେକ ୱାର୍ଡର କୋଭିଡ୍ ଯୋଦ୍ଧାମାନଙ୍କୁ ପିପିଇ କିଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଉପଦେଷ୍ଟା ଲୋପାମୁଦ୍ରା ବକ୍ସିପାତ୍ର, ତେଜସ୍ୱିନୀ ସଭାପତି ମହାମାୟା ସ୍ୱାଇଁ, ସମ୍ପାଦିକା ସଂଯୁକ୍ତା ଭୂତିଆ, ଭୁବନେଶ୍ୱର ବିଡିଓ ରମେଶ ଚନ୍ଦ୍ର ସେଠୀ, ବିଏମ୍‌ସି ଜେଡିସି ଅଂଶୁମାନ ରଥ, ରବିନାରାୟଣ ଜେଠି, ସିଡିପିଓ ସନ୍ଧ୍ୟାରାଣୀ ଦେବୀ, ପୂର୍ବତନ କର୍ପୋରେଟର ଶ୍ରୀଧର ବେହେରା, ସୁଜି ସ୍ୱାଇଁ, ରୁନୁ ଜେନା, ତେଜସ୍ୱିନୀର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

**ରାସ୍ତାରେ ମହିଳାଙ୍କ ବେକ କାଟିବା ଘଟଣା**

## ଅଭିଯୁକ୍ତ ରଙ୍ଗ ମିସ୍ତ୍ରି ଗିରଫ

**ଭୁବନେଶ୍ୱର,୨।୬(ବ୍ୟୁରୋ)**

ନୟାପଲ୍ଲୀ ଥାନା ଅଧୀନ ଭିଆଇପି କଲୋନୀରେ ଲୁଟ୍ ଉଦ୍ଦେଶ୍ୟରେ ମହିଳାଙ୍କ ବେକ କାଟିବା ଘଟଣାରେ କମିଶନରେଟ୍ ପୋଲିସର ସ୍ପେଶାଲ୍ ସ୍କ୍ୱାଡ୍ ବୁଧବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରେଣ୍ଟାଲ୍ କଲୋନୀର ଅମର ଦିଗଲ। ସେ ମୋବାଇଲ୍ ଫୋନ ଲୁଟ୍ ଉଦ୍ଦେଶ୍ୟରେ ମହିଳାଙ୍କୁ ଆକ୍ରମଣ କରିଥିବା ପୋଲିସ ଆଗରେ କହିଛନ୍ତି। ଅମର ଜଣେ ରଙ୍ଗ ମିସ୍ତ୍ରି। ସେ ପୂର୍ବରୁ କେତେକ ଚୋରିରେ ସମ୍ପୃକ୍ତ ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ନୟାପଲ୍ଲୀ ଏନ୍-୩ ଅଞ୍ଚଳରେ ରହୁଥିବା ଅଂଶୁ ଗୁପ୍ତା ସୋମବାର ସକାଳେ ନିକଟସ୍ଥ ବଜାରକୁ ଯାଉଥିଲେ। ଏହି ସମୟରେ ଅମର ତାଙ୍କ ପିଛା କରିଥିଲେ। କିଛି ବାଟ ଯିବା ପରେ ଅମର ଲୁଟ୍ ଉଦ୍ଦେଶ୍ୟରେ ଅଂଶୁଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ। ତେବେ ଏଥିରେ ଅମର ବିଫଳ ହେବାରୁ ଏକ ଧାରୁଆ ଛୁରୀରେ ଅଂଶୁଙ୍କ ବେକକୁ ଆକ୍ରମଣ କରିଥିଲେ। ପରେ ଘଟଣାସ୍ଥଳରୁ ଦୌଡ଼ି ଫେରାର ହୋଇଯାଇଥିଲେ। ଏ ନେଇ ଅଂଶୁଙ୍କ ସ୍ୱାମୀ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଡିସିପି ଉମାଶଙ୍କର ଦାଶ ଏହାର ତଦନ୍ତ ଭାର ସ୍ପେଶାଲ ସ୍କ୍ୱାଡ୍‌କୁ ଦେଇଥିଲେ। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ସ୍ପେଶାଲ୍ ସ୍କ୍ୱାଡ଼ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ପରେ ତାଙ୍କୁ ରେଣ୍ଟାଲ୍ ଅଞ୍ଚଳରୁ ଗିରଫ କରାଯାଇଥିଲା।

## ଲୋକଙ୍କ ବଦଳରେ ଜେସିବି କାର୍ଯ୍ୟ କରୁଛି

**ବାଲିପାଟଣା,୨।୬(ଡି.ଏନ୍.ଏ.)**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟରେ ଅନିୟମିତତା ହେଉଥିବା ନେଇ ବାଲିପାଟଣା ବ୍ଲକ ଆଲିଶି ଶାସନ ପଞ୍ଚାୟତର ବଦଳାପଡ଼ା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଏନେଇ ଗ୍ରାମବାସୀ ବୁଧବାର ବିଡିଓ ମିତାଞ୍ଜଳି ଦାଶଙ୍କୁ ଅଭିଯୋଗପତ୍ର ଦେଇଛନ୍ତି। ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ଏହି ପଞ୍ଚାୟତର ୮ନଂ. ୱାର୍ଡର ମଠସାହିଠାରୁ ମଶାଣି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆରଇଜିଏସ୍ ସ୍କିମ ଅଧୀନରେ ଟଙ୍କା ମଞ୍ଜୁର କରାଯାଇଥଲା, ଯାହାକି ଜବ୍‌କାର୍ଡଧାରୀମାନେ କାମ କରିବା କଥା। କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରାଯାଉଛି। ଜେସିବି ଦ୍ୱାରା ବିଳମ୍ବିତ ରାତିରେ କାର୍ଯ୍ୟ କରାଯାଉଛି। ଉକ୍ତ ସ୍ଥାନରେ କାମ ମଧ ନିମ୍ନମାନର ହେଉଛି। କୌଣସି କାର୍ଯ୍ୟାନୁଷ୍ଠାନ ନ ହେଲେ ଆରଟିଆଇ ଆକ୍ଟ ଅନୁଯାୟୀ ସମସ୍ତ ପ୍ରମାଣପତ୍ର ସହିତ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଲେଖିକା ମୀନାକ୍ଷୀ ଦେବୀଙ୍କ ପରଲୋକ

**କଟକ ଅଫିସ, ୨।୬**



ବିଶିଷ୍ଟ ଲେଖିକା ତଥା ଉତ୍କଳ ସାହିତ୍ୟ ସମାଜ ସାଧାରଣ ସମ୍ପାଦିକା ମୀନାକ୍ଷୀ ଦେବୀ(୬୬)ଙ୍କର ବୁଧବାର ପରଲୋକ ହୋଇଯାଇଛି। କଟକ ରାଜାବଗିଚା ଚକୋଲେଟ୍ ଲେନ୍‌ସ୍ଥିତ ବାସଗୃହରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଏସ୍‌ସିବି ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଶଶିଭୂଷଣ ତ୍ରିପାଠୀ ଉପସ୍ଥିତ ଥିଲେ। ଗୁରୁବାର ମୀନାକ୍ଷୀଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ।

୧୯୫୫ ଅଗଷ୍ଟ ୧ରେ ପୁରୀ ଜିଲା ଶ୍ରୀପୁରୁଷୋତ୍ତମପୁର ଗ୍ରାମରେ ମୀନାକ୍ଷୀ ଜନ୍ମଗ୍ରହଣ କରିଥିଲେ। ସେ ହାଇସ୍କୁଲରେ ପଢୁଥିବାବେଳେ ପ୍ରେସିଡେଣ୍ଟ ଗାଇଡ୍ ରୂପେ ରାଷ୍ଟ୍ରପତିଙ୍କଠାରୁ ମାନପତ୍ର ଲାଭ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ୧୯୮୦ରୁ ୧୯୮୩ ପର୍ଯ୍ୟନ୍ତ ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଅଧ୍ୟାପିକା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ୧୯୯୨ରୁ ୨୦୧୫ ପର୍ଯ୍ୟନ୍ତ ସେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚର ଗବେଷଣା ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ସେ ‘ଅନ୍ୟ ଜଣେ ସୁଲୋଚନା’, ‘ଝରାପତ୍ରର ଗୀତି’, ‘ମଣିଷ ପରି ମଣିଷ’ ଭଳିପ୍ରାୟ ୩୦ ପୁସ୍ତକ ରଚନା କରିଥିଲେ। ସାହିତ୍ୟ ସାଧନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସେ ସମ୍ବର୍ଦ୍ଧିତ ହେବା ସହ ବହୁ ପୁରସ୍କାର ଓ ସମ୍ମାନ ଲାଭ କରିଥିଲେ। ଏଥିସହ ସେ ଦୂରଦର୍ଶନ ଓ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଓ ଗୀତିକବି ସମାଜର ସମ୍ପାଦକ ଥିଲେ। ତାଙ୍କ ବିୟୋଗରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ପରାମର୍ଶଦାତା ପରିଷଦ ଆବାହକ ବିଜୟାନନ୍ଦ ସିଂ, ସଦସ୍ୟ ଅମରେଶ ପଟ୍ଟନାୟକ, ବିଜୟ କୁମାର ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ, ଉପସଭାପତି ସଞ୍ଜିତ୍ ପଟ୍ଟନାୟକ, ଶିଶୁସାହିତ୍ୟ ଲେଖକ ସମ୍ମେଳନର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ନିଃଶୁଳ୍କ ଅମ୍ଳଜାନ ଆଶ୍ରୟସ୍ଥଳୀ

**ଭୁବନେଶ୍ୱର,୨।୬**

କୋଭିଡ୍ ମହାମାରୀରେ ଅମ୍ଳଜାନର ଆବଶ୍ୟକତାକୁ ନଜରରେ ରଖି ସ୍ମାଇଲ ପ୍ଲିଜ୍, ସ୍ୱର୍ଶ ହସ୍ପିଟାଲ ଏବଂ ଓଡ଼ିଶା ସୋସାଇଟି ଅଫ୍ ଦ ଆମେରିକା ହେଲ୍‌ଥ ଆଣ୍ଡ ୱେଲନେସ୍ ଗ୍ରୁପ୍ ପକ୍ଷରୁ (ଓଏସ୍‌ଏ-ଏଚ୍‌ଡବ୍ଲ୍ୟୁଜି) ନିଃଶୁଳ୍କ ଅମ୍ଳଜାନ ଆଶ୍ରୟସ୍ଥଳୀ ଆରମ୍ଭ କରାଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସ୍ୱର୍ଶ ହସ୍ପିଟାଲର ମୁଖ୍ୟ ପରିଚାଳକ ପ୍ରିୟବ୍ରତ ଧୀର, ଅଭିନେତା ସବ୍ୟସାଚୀ ମିଶ୍ର, ଏମ୍‌ଓ ଗ୍ରୁପ୍‌ର ମୁଖ୍ୟ ଡା. ଅବିନାଶ ସାମଲ, ହାଇଟେକ ମେଡିକାଲର ପ୍ରଫେସର ଅମ୍ରିତ ପାଟ୍ଟଜୋଷୀ, ସାମାଜିକ କର୍ମୀ ପ୍ରଭୀନ ଅଗ୍ରୱାଲ ଏବଂ ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ବିଏମ୍‌ସି ଅନୁମୋଦନରେ ପ୍ରଥମ ଥର ଲାଗି ରାଜ୍ୟରେ ଏଭଳି ଏକ ଅକ୍ସିଜେନ ସେଲ୍‌ଟର ପଟିଆ ବିଗ୍ ବଜାର ସ୍ଥିତ ତ୍ରିଷ୍ଟା ବାଙ୍କ୍ୱେଟ୍‌ଠାରେ ଖୋଲାଯାଇଛି। ଅକ୍ସିଜେନ ଆବଶ୍ୟକତା ଥିବା କୋଭିଡ୍ ରୋଗୀଙ୍କୁ ଅନୁମୋଦିତ କୋଭିଡ୍ ହସ୍ପିଟାଲରେ ବେଡ୍ ମିଳିବା ପର୍ଯ୍ୟନ୍ତ ଏହି ଆଶ୍ରୟସ୍ଥଳରେ ଅମ୍ଳଜାନ ଯୋଗାଇ ଦେଇ ତାଙ୍କୁ ହାଇପୋକ୍ସିୟାରୁ ବଞ୍ଚାଯାଇପାରିବ। ଏଠାରେ ଡାକ୍ତର ଏବଂ ନର୍ସଙ୍କ ଉପସ୍ଥିତିରେ ରୋଗୀଙ୍କୁ ସେବା ଯୋଗାଇ ଦିଆଯିବ। ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ପାଇଁ ଆମ୍ବୁଲାନ୍ସ ଏଠାରେ ମଧ ରହିଛି।



## ଧାରଣା ଦେଲେ ପରିବାର

**ଭୁବନେଶ୍ୱର,୨।୬(ବ୍ୟୁରୋ)**



ଭରତପୁର ଥାନା ଆଗରେ ଏନ୍.ଭାସ୍କରଙ୍କ ପରିବାରବର୍ଗ ଧାରଣା ଦେଉଛନ୍ତି।

**କୋଭିଡ୍ ସଂକ୍ରମିତ ପିତାଙ୍କୁ ପୁଅ ଖୋଜିବା ଘଟଣା**

କୋଭିଡ୍ ସଂକ୍ରମିତ ନିଖୋଜ ବାପାଙ୍କୁ ପୁଅ ଖୋଜୁଥିଲେ ମଧ ଏପର୍ଯ୍ୟନ୍ତ ପତ୍ତା ମିଳୁନାହିଁ। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ଦ୍ୱନ୍ଦ୍ୱ ଓ ଚିନ୍ତାରେ ଥିବା ନିଖୋଜ ଏନ୍. ତ୍ରିନାଥଙ୍କ ସ୍ତ୍ରୀ ପୋଲିସକୁ ଜବାବ ମାଗିଛନ୍ତି। ଏପରି କି, ନ୍ୟାୟ ପାଇଁ ପରିବାରବର୍ଗଙ୍କ ସହ ସେ ବୁଧବାର ଭରତପୁର ଥାନା ଆଗରେ ଧାରଣାରେ ବସିଥିଲେ। ଏଥିସହ ପୋଲିସକୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ଘଟଣାର ତଦନ୍ତ କରି ତ୍ରିନାଥଙ୍କୁ ଖୋଜି ଆଣିବା ପାଇଁ ମଧ ଗୁହାରି ଜଣାଇଛନ୍ତି। ପୋଲିସ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

ସୂଚନା ମୁତାବକ, ଏପ୍ରିଲ ୧୯ରେ ପୁରୀ ନୋଳିଆସାହିର ଏନ୍. ତ୍ରିନାଥ କୋଭିଡ୍‌ରେ ଆକ୍ରାନ୍ତ ଚିହ୍ନଟ ହେବା ପରେ ତାଙ୍କୁ ରାଜଧାନୀର ଏକ କୋଭିଡ୍ ହସ୍ପିଟାଲକୁ ଅଣାଯାଇ ଚିକିତ୍ସା କରାଯାଉଥିଲା। ପରଦିନ ପର୍ଯ୍ୟନ୍ତ ତ୍ରିନାଥ ସୁସ୍ଥ ଥିବା ନେଇ ହସ୍ପିଟାଲ ପକ୍ଷରୁ କୁହାଯାଇଥିଲା। କିନ୍ତୁ ୨୧ତାରିଖରେ ତ୍ରିନାଥଙ୍କ ସହ ପରିବାରବର୍ଗ ଯୋଗାଯୋଗ କରି ନ ପାରିବାରୁ ପରିବାର ଲୋକେ ଉକ୍ତ ହସ୍ପିଟାଲକୁ ଯାଇ ପଚାରି ବୁଝିଥିଲେ। ତ୍ରିନାଥ ନ ଥିବା ହସ୍ପିଟାଲ କର୍ମଚାରୀ ପ୍ରଥମେ କହିଥିଲେ। କିନ୍ତୁ ପରେ ତାଙ୍କ ପୁଅ ଏନ୍.ଭାସ୍କର ଯୁକ୍ତିତର୍କ କରିବାରୁ ତାଙ୍କ ବାପା ମୃତ ଓ ମରଶରୀର କ୍ୟାପିଟାଲ ହସ୍ପିଟାଲ ପଠାଇ ଦିଆଯାଇଥିବା କର୍ମଚାରୀମାନେ କହିଥିଲେ। ଭାସ୍କର କ୍ୟାପିଟାଲ ହସ୍ପିଟାଲ ଯାଇ ବୁଝିବାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଆସିଥିବାରୁ ସତ୍ୟନଗର ମଶାଣିକୁ ପଠାଇ ଦିଆଯାଇଥିବା କୁହାଯାଇଥିଲା। ଭାସ୍କର ସେଠାକୁ ଯାଇ ଖୋଜିଥିଲେ ମଧ ବାପାଙ୍କୁ ପାଇ ନ ଥିଲେ।

## କୋଭିଡ୍ ନିୟମ ଉଲ୍ଲଂଘନ: ବ୍ୟବସାୟୀଙ୍କୁ ଜରିମାନା

କଣ୍ଟାପଡା,(ଡି.ଏନ୍.ଏ.): କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଅତଶପୁର ବଜାରରେ ଥିବା ଷ୍ଟାଇଲ ବଜାର ଡ୍ରେସ୍‌ଷ୍ଟୋର ମାଲିକଙ୍କଠାରୁ ୩୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଉକ୍ତ ଷ୍ଟୋରରେ ଡ୍ରେସ୍ ବିକ୍ରି ହେଉଥିବା ଖବରପାଇ କଣ୍ଟାପଡା ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାହୁ ଓ ଓଲଟପୁର ଥାନା ଆଇଆଇସି ବିଜୟା ସାହୁ ଚଢାଉ କରିଥିଲେ। ତେବେ ଆଗକୁ ସାବିତ୍ରୀ ଓ ରଜପର୍ବ ଥିବାରୁ ଉକ୍ତ ଥାନା ଅଞ୍ଚଳରେ ଥିବା କପଡା ବ୍ୟବସାୟୀ ଏବଂ ଅନ୍ୟମାନେ ଲୁଚାଛପାରେ ବ୍ୟବସାୟ କରୁଥିବା ଜଣାପଡିଛି। ଏ ସମ୍ପର୍କରେ ଆଇଆଇସି ସାହୁ କହିଛନ୍ତି, ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ।

**ସଂକ୍ଷେପରେ**

### ବିନା ଭକ୍ତରେ ହେବ ଦେବଦମ୍ପତିଙ୍କ ବିବାହ ଉତ୍ସବ

ଖୁଣ୍ଟୁଣୀ,୨।୬(ଡି.ଏନ.ଏ.): ଖୁଣ୍ଟୁଣୀସ୍ଥିତ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଆସନ୍ତା ୧୫ ତାରିଖରେ ହରପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏହାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ବୁଧବାର ସନ୍ଧ୍ୟାରେ ଶିବକୃପା ପରିଷଦର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଉପଦେଷ୍ଟା ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କୋଭିଡ୍ କଟକଣା ମଧ୍ୟରେ ଏହି ଉତ୍ସବକୁ ପାଳନ ପାଇଁ ନିଷ୍ପତ୍ତି ହେଲା। ଚଳିତବର୍ଷ ବିନା ଜନ ସମାଗମ ଓ ରୋଶଣିରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ହେବ। ଏଥିରେ ଦେବ ଦମ୍ପତିଙ୍କୁ ଗ୍ରାମ ପରିକ୍ରମାରେ ନିଆଯିବ ନାହିଁ ଓ ପ୍ରସାଦ ବ୍ୟବସ୍ଥା ନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ୧୬ ତାରିଖ ସକାଳେ ୬ଟାରୁ ଦେବ ଦମ୍ପତିଙ୍କର ବନ୍ଦାଣ ପରେ ୯ଟାରେ ମହାପ୍ରଭୁ ମନ୍ଦିର ପ୍ରବେଶ କରିବେ। ଏହି ବୈଠକରେ ପରିଷଦର କିଶୋର ସାମନ୍ତରାୟ, ବିପିନ ବିହାରୀ ପ୍ରଧାନ, ଦିଲୀପ ଶେଠ, ବିକାଶ ସାହୁ, ଚକ୍ରଧର ସାହୁ, ସୁଧୀର ଦାଶ, ଗୋବିନ୍ଦ ବେହେରା, ବଟକୃଷ୍ଣ ବେହେରା, ସଞ୍ଜୟ ବେହେରା ଓ ବିଶ୍ୱରଞ୍ଜନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଧରିତ୍ରୀ ଖବରଦାତାଙ୍କ ପିତୃ ବିୟୋଗ

କଟକ ଅଫିସ, ୨।୬: ଧରିତ୍ରୀର କଟକ ଖବରଦାତା ଅଭିଜିତ୍ ଚନ୍ଦ୍ରଙ୍କ ବାପା ତଥା ସାମାଜିକ କର୍ମୀ ସମୀର ସ୍ନିଗ୍ଧ ଚନ୍ଦ୍ର(୯୧)ଙ୍କର ଚୌଧୁରୀବଜାରସ୍ଥିତ ବାସଭବନରେ ବୁଧବାର ସକାଳେ ପରଲୋକ ହୋଇଯାଇଛି। ବାର୍ଦ୍ଧକ୍ୟଜନିତ କାରଣରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର



ଅଭିଜିତ୍, ଦୁଇ ବୋହୂ, ଝିଅ, ଜ୍ୱାଇଁ ଓ ନାତି ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସମୀରଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ଖାନ୍‌ନଗରସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ଅଭିଜିତ୍ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସମୀର ନିଜ ଜୀବନର ଅଧିକାଂଶ ସମୟ ସମାଜସେବାରେ ନିୟୋଜିତ ରଖିଥିଲେ।

### ୨ କର୍ମଚାରୀ ପଜିଟିଭ: ସାନିଟାଇଜ ହେଲା ତହସିଲ କାର୍ଯ୍ୟାଳୟ

କଣ୍ଟାପଡା, ୨।୬ (ଡି.ଏନ୍.ଏ.): କଣ୍ଟାପଡା ତହସିଲ କାର୍ଯ୍ୟାଳୟର ଡାଟାଏଣ୍ଟ୍ରି ଅପରେଟର ଓ ଗୋବିନ୍ଦପୁର ସର୍କଲର ରାଜସ୍ୱ ନିରୀକ୍ଷକ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଫଳରେ ବୁଧବାର ସାମାଜିକ ସଙ୍ଗଠନ ପ୍ରାଚୀପ୍ରଜ୍ଞା ପରିଷଦ ପକ୍ଷରୁ ତହସିଲ କାର୍ଯ୍ୟାଳୟର ସମସ୍ତ ଗୃହ ବିଶୋଧନ କରାଯାଇଥିଲା। ସେହିପରି କଣ୍ଟାପଡା ବ୍ଲକ କାର୍ଯ୍ୟାଳୟକୁ ମଧ୍ୟ ଉକ୍ତ ସଙ୍ଗଠନ ପକ୍ଷରୁ ବିଶୋଧନ କରାଯାଇଛି।

# ଶ୍ମଶାନ ରାସ୍ତା ନିର୍ମାଣରେ ଚଞ୍ଚକତା

■ମାଟିରାସ୍ତା ନିର୍ମାଣ କରିଥିଲେ ସାମାଜିକ କର୍ମୀ

■ଅଭିଯୋଗ ପରେ ତରବରିଆ ଭାବେ ନିର୍ମାଣ ହେଉଛି ଆଉ ଏକ ରାସ୍ତା

ନିଆଳି,୨।୬(ଡି.ଏନ.ଏ.)

ନିଆଳି ବ୍ଲକ ଅନ୍ତର୍ଗତ ଅଲଣା ପଞ୍ଚାୟତ ମହଙ୍ଗ ଗ୍ରାମର ସାମାଜିକ କର୍ମୀ ପ୍ରକାଶ ପଣ୍ଡା ଅର୍ଥ ଖର୍ଚ୍ଚ କରି ନିଜସ୍ୱ ଉଦ୍ୟମରେ ଗ୍ରାମ ଶ୍ମଶାନକୁ ମାଟିରାସ୍ତା ନିର୍ମାଣ କରିଛନ୍ତି। ମାତ୍ର ନିଆଳି ବ୍ଲକ ପ୍ରଶାସନ ଏହାକୁ ଚଞ୍ଚକତା ପୂର୍ବକ ସରକାରୀ ଅର୍ଥରେ କାମ ହୋଇଥିବା ଦର୍ଶାଇ ବିଲ୍ କରି ଅର୍ଥ ଆତ୍ମସାତ୍ କରିଥିବା ଅଭିଯୋଗ ହୋଇଛି। ଏ ନେଇ ପ୍ରକାଶ ଓ ଗ୍ରାମବାସୀ ୫-ଟି ସଚିବ ଓ କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଅକ୍ଟୋବରରେ ପ୍ରକାଶଙ୍କ ବୋଉଙ୍କର ମୃତ୍ୟୁ ଘଟିଥିଲା। ସେ ତାଙ୍କ ମୃତଦେହକୁ ଗ୍ରାମ ଶ୍ମଶାନରେ ଦାହ କରିବା ପାଇଁ ନେଇଥିଲେ। ହେଲେ ଶ୍ମଶାନକୁ ରାସ୍ତା ନ ଥିବାରୁ ପାଣିକାଦୁଅରେ ଯାଇ ଦାହ କରିଥିଲେ। ପରବର୍ତ୍ତୀ ସମୟରେ ମା'ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ମଶାନକୁ ଯାତାୟାତ ପାଇଁ ସେ ଏକ ମାଟିରାସ୍ତା ନିର୍ମାଣ କରିଥିଲେ। ମାତ୍ର ୨୦୨୧ ମାର୍ଚ୍ଚରେ ବ୍ଲକ୍ ପ୍ରଶାସନ ଚଞ୍ଚକତା ପୂର୍ବକ ଉକ୍ତ ରାସ୍ତାକୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନ୍ତର୍ଭୁକ୍ତ କରି ୭୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ତୋସରପାତ କରିଥିବା ଜଣାପଡିଛି। ପ୍ରକାଶ ଓ ଗ୍ରାମବାସୀ ଏ ସମ୍ପର୍କରେ ୫-ଟି ସଚିବ ଏବଂ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ବ୍ଲକ ପ୍ରଶାସନ ତରଫରୁ ତରବରିଆ ଭାବେ ଗତ ୨୯



ଶ୍ମଶାନକୁ ଯିବା ପାଇଁ ତିଆରି ହୋଇଥିବା ୨ ରାସ୍ତା।

ତାରିଖଠାରୁ ଉକ୍ତ ଶ୍ମଶାନକୁ ଆଉ ଏକ ନୂତନ ରାସ୍ତା ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ଗୋଟିଏ ଶ୍ମଶାନକୁ କ'ଣ ପାଇଁ ୨ଟି ରାସ୍ତା ନିର୍ମାଣ ହେଉଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାର୍ଚ୍ଚ ମାସରେ ବିଲ୍ ହୋଇଥିବାବେଳେ କିଛିଦିନ ହେବ ପୁଣି କିଭଳି ଏକ ରାସ୍ତା ନିର୍ମାଣ ହେଉଛି, ତାହାକୁ ନେଇ ବ୍ଲକ ପ୍ରଶାସନର ଦୁର୍ନୀତି ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଏହି ରହସ୍ୟର ଉନ୍ମୋଚନ ହୋଇପାରିବ ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ବିଡିଓ ଅଶୋକ କୁମାର ଲେଙ୍କାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

## ଦାମୋଦରପୁର ଗାଁର ୩ ୱାର୍ଡ ଶଟ୍‌ଡାଉନ

ନିଶ୍ଚିନ୍ତକୋଇଲି,୨।୬(ସ୍ୱ.ପ୍ର.)

କରୋନାର ଭୟାବହତା ଓ ଏହାର ମୁକାବିଲା ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକ ତରତଶାସନ ପଞ୍ଚାୟତ ଦାମୋଦରପୁର ଗାଁର ୩ଟି ୱାର୍ଡକୁ ୩ ଦିନ ଲାଗି ସରପଞ୍ଚ ଜିତେନ୍ଦ୍ର କୁମାର ମିଶ୍ର ଶଟ୍‌ଡାଉନ ଘୋଷଣା କରିଛନ୍ତି। ଦାମୋଦରପୁରର ଜଣେ ଗ୍ରୋସେରୀ ଦୋକାନୀଙ୍କ ସମେତ ଆଉ ୩ ଜଣ ବ୍ୟକ୍ତି କରୋନା ପଜିଟିଭ ଚିହ୍ନଟ ପରେ ଚିକିତ୍ସିତ ହେଉଛନ୍ତି। ଜଣେ ବ୍ୟକ୍ତି ସଂକ୍ରମିତ ହୋଇ ମୃତ୍ୟୁବରଣ କରିଛନ୍ତି। ତେଣୁ ଦାମୋଦରପୁର ଗାଁର ୯, ୧୦ ଓ ୧୧ ନଂ. ୱାର୍ଡକୁ ଗୁରୁବାରଠାରୁ ଶନିବାର ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଶଟ୍‌ଡାଉନ କରାଯାଇଛି। ଏହି ୱାର୍ଡର ଲୋକମାନେ କୌଣସି ସ୍ଥାନରେ ଧାର୍ମିକ, ସାମାଜିକ ଓ ସମାବେଶ କରିପାରିବେ ନାହିଁ ବୋଲି ସରପଞ୍ଚ ଘୋଷଣା କରିଛନ୍ତି। ଏହି ନିର୍ଦ୍ଦେଶକୁ କୌଣସି ବ୍ୟକ୍ତି ଅବମାନନା କଲେ କୋଭିଡ୍ ନିୟମାନୁଯାୟ ଦଣ୍ଡିତ ହେବେ ବୋଲି ସରପଞ୍ଚ ମିଶ୍ର ଜଣାଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମିଶ୍ର ନିଶ୍ଚିନ୍ତକୋଇଲି ତହସିଲଦାର, ବିଡିଓ ଓ ନେମାଳ ଥାନା ଅଧିକାରୀଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି।

## ଟିକାକରଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

କଟକ ଅଫିସ,୨।୬

ହାଇକୋର୍ଟ ବାର୍ ଆସୋସିଏସନ ପକ୍ଷରୁ ୧୫ ଦିନ ଧରି ଚାଲିଥିବା ଟିକାକରଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ହଜାର ଆଇନଜୀବୀଙ୍କୁ ଟିକା ପ୍ରଦାନ କରାଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଯୋଗଦେଇ ରୋଗମୁକ୍ତ ଜୀବନଯାପନ କରିବାକୁ ଆଇନଜୀବୀଙ୍କୁ ପରାମର୍ଶ ଦେଇଥିଲେ। ଆଇନଜୀବୀ ଜଗବନ୍ଧୁ ସାହୁ ଏଥିରେ ସଭାପତିତ୍ୱ କରିଥିବାବେଳେ ହାଇକୋର୍ଟ ବାର୍ ଆସୋସିଏସନ ଯୁଗ୍ମ ସମ୍ପାଦକ ପ୍ରଣୟ ସ୍ୱାଇଁ ପରିଚାଳନା କରିଥିଲେ । ଏଥିରେ ଦେବୀପ୍ରସାଦ ଦାସ, ଜିତେନ୍ଦ୍ର କୁମାର ଲେଙ୍କା, ତାପସ କୁମାର ଆଚାର୍ଯ୍ୟ ଓ ବିଜୟ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

କଟକ ନୂଆବଜାରସ୍ଥିତ ଗାନ୍ଧିପଲ୍ଲୀ ଓ ନେହେରୁପଲ୍ଲୀ ଅନ୍ତେବାସୀଙ୍କ ନିମନ୍ତେ ସିଏମ୍‌ସି ପକ୍ଷରୁ ସ୍ଥାନୀୟ କୁଷ୍ଠାଶ୍ରମରେ ସ୍ୱତନ୍ତ୍ର କରୋନା ଟିକାକରଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। ସିଏମ୍‌ସି କମିଶନର ଅନନ୍ୟା ଦାସ ଏହି ଟିକାକରଣ କେନ୍ଦ୍ର ପରିଦର୍ଶନ କରି ସମସ୍ତ ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଠାରେ ୪୦୦ ଜଣ ଅନ୍ତେବାସୀଙ୍କୁ ଟିକା ପ୍ରଦାନ କରାଯାଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ସିଏମ୍‌ସି ଯୁଗ୍ମ କମିଶନର ମନୋରଞ୍ଜନ ମହାପାତ୍ର ଓ ଦିଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଅସରାଏ ବର୍ଷା ପରେ କଟକ ବାଦାମବାଡ଼ି ମୁଖ୍ୟ ରାସ୍ତାରେ ଜମି ରହିଥିବା ବର୍ଷା ଜଳ।

## ଲାପ୍‌ଟପ୍, ମୋବାଇଲ ଜବତ: ୨ ଗିରଫ

ଫୁଲନଖରା,୨।୬(ଡି.ଏନ.ଏ.)

ଚୋରି ଅଭିଯୋଗରେ କଟକ ସଦର ପୋଲିସ ୨ ଜଣ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିର ସୂର୍ଯ୍ୟ ପ୍ରକାଶ ସ୍ୱାଇଁ ଓ ଲିଙ୍ଗରାଜ ଭୂୟାଁ। ସେମାନଙ୍କଠାରୁ ଗୋଟିଏ ଲାପ୍‌ଟପ୍, ୩ଟି ମୋବାଇଲ ଓ ୧୫୦୦ ଟଙ୍କା ଜବତ କରାଯାଇଛି। କଟକ ସଦର ଥାନା ଅନ୍ତର୍ଗତ ଭାଣପୁର ଗ୍ରାମ ଜ୍ୟୋତ୍ସ୍ନା ବିହାରେ ରହୁଥିବା ପ୍ରବୀଣ ସାମଲଙ୍କ ଘରୁ ଗତ ମେ' ୧୭ ତାରିଖ ବିଳମ୍ବିତ ରାତିରେ ଲାପ୍‌ଟପ୍, ୨ଟି ସ୍ମାର୍ଟଫୋନ ଓ ୨୫୦୦ ଟଙ୍କା ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୨୮୯/୨୧) ରୁଜୁ କରିଥିଲା।

# ଅସରାଏ ବର୍ଷାରେ ରାସ୍ତା ଜଳମଗ୍ନ

କଟକ ଅଫିସ, ୨।୬

ବୁଧବାର ଅପରାହ୍ନରେ ହୋଇଥିବା ଅସରାଏ ବର୍ଷାରେ ସହରର ବାଦାମବାଡି, ଲିଙ୍କ୍‌ରୋଡ, ପ୍ରେସ୍‌ଛକ, ହରିପୁର ଓ ପିଠାପୁର ସମେତ ତଳିଆ ଅଞ୍ଚଳଗୁଡିକରେ ପାଣି ଜମା ହୋଇଛି। ବିଶେଷକରି ସହରରେ ଥିବା ଡ୍ରେନ୍‌ଗୁଡିକ ସଫା କରାଯାଇ ନ ଥିବାରୁ ବର୍ଷାଜଳ ନିଷ୍କାସନ ନ ହୋଇପାରି ରାସ୍ତାରେ ଲହଡି ମାରୁଛି। ଏଥିଯୋଗୁ ଯାତାୟତରେ ସମସ୍ୟା ହୋଇଥିଲା। ଆଗକୁ ବର୍ଷାଦିନ ଆସୁଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସିଏମ୍‌ସି ପକ୍ଷରୁ ସହରରେ ଥିବା ଡ୍ରେନ୍‌ଗୁଡିକର ସଫେଇ କାର୍ଯ୍ୟ ଶେଷ ହୋଇନାହିଁ। ଏବେଠାରୁ ସିଏମ୍‌ସି କର୍ତ୍ତୃପକ୍ଷ ସହରର ଡ୍ରେନ୍‌ଗୁଡିକୁ ସଫା ନ କରନ୍ତି ଆଗାମୀ ଦିନରେ ସହରବାସୀ ଅସୁବିଧାର ସମ୍ମୁଖୀନ ହେବେ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ଏନେଇ ସିଏମ୍‌ସିର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ କହିଛନ୍ତି, ସହରର ସମସ୍ତ ଡ୍ରେନ୍‌ର ସଫେଇ କାର୍ଯ୍ୟ ପ୍ରାୟ ଶେଷ ହୋଇଗଲାଣି।

## ଖବରକାଗଜ ବିକ୍ରେତାଙ୍କ ବିୟୋଗରେ ଶୋକସଭା

କଟକ ଅଫିସ, ୨।୬

ଖବରକାଗଜ ବିକ୍ରେତା ଲକ୍ଷ୍ମଣ ଘୋଷଙ୍କ କଟକ ସେଲ୍‌ଟର ଛକ ନେତାଜୀନଗରସ୍ଥିତ ତାଙ୍କ ବାସଭବନରେ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଥିଲା। ଏନେଇ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ବାଗଠାରେ ବୁଧବାର ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଘୋଷଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ଦୁର୍ଗାପ୍ରସାଦ ଛାଟୋଇ, ଶ୍ରୀନିବାସ ରେଡ୍ଡୀ, ରତ୍ନାକର ପ୍ରଧାନ, ମନୋଜ ପାଲ, ପ୍ରଭାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଲେଖିକା ମୀନାକ୍ଷୀ ଦେବୀଙ୍କ ପରଲୋକ

କଟକ ଅଫିସ, ୨।୬

ବିଶିଷ୍ଟ ଲେଖିକା ତଥା ଉତ୍କଳ ସାହିତ୍ୟ ସମାଜ ସାଧାରଣ ସମ୍ପାଦିକା ମୀନାକ୍ଷୀ ଦେବୀ(୬୬)ଙ୍କର ବୁଧବାର ପରଲୋକ ହୋଇଯାଇଛି। କଟକ ରାଜାବଗିଚା ଚକୋଲେଟ୍ ଲେନ୍‌ସ୍ଥିତ ବାସଗୃହରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଏସ୍‌ସିବି ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଶଶିଭୂଷଣ ତ୍ରିପାଠୀ ଉପସ୍ଥିତ ଥିଲେ। ଗୁରୁବାର ମୀନାକ୍ଷୀଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ।



୧୯୫୫ ଅଗଷ୍ଟ ୧ରେ ପୁରୀ ଜିଲା ଶ୍ରୀପୁରୁଷୋତ୍ତମପୁର ଗ୍ରାମରେ ମୀନାକ୍ଷୀ ଜନ୍ମଗ୍ରହଣ କରିଥିଲେ। ସେ ହାଇସ୍କୁଲରେ ପଢୁଥିବାବେଳେ ପ୍ରେସିଡେଣ୍ଟ ଗାଇଡ୍ ରୂପେ ରାଷ୍ଟ୍ରପତିଙ୍କଠାରୁ ମାନପତ୍ର ଲାଭ କରିଥିଲେ। ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ୧୯୮୦ରୁ ୧୯୮୩ପର୍ଯ୍ୟନ୍ତ ଝାରସୁଗୁଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଅଧ୍ୟାପିକା ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ୧୯୯୨ରୁ ୨୦୧୫ ପର୍ଯ୍ୟନ୍ତ ସେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚର ଗବେଷଣା ସହଯୋଗୀ ଭାବେ କାର୍ଯ୍ୟ କରିଥିଲେ। ଏଥିସହ ସେ 'ଅନ୍ୟ ଜଣେ ସୁଲୋଚନା', 'ଝରାପତ୍ରର ଗୀତି', 'ମଣିଷ ପରି ମଣିଷ' ଭଳି ପ୍ରାୟ ୩୦ ପୁସ୍ତକ ରଚନା କରିଥିଲେ। ସାହିତ୍ୟ ସାଧନା ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସେ ସମ୍ବର୍ଦ୍ଧିତ ହେବା ସହ ବହୁ ପୁରସ୍କାର ଓ ସମ୍ମାନ ଲାଭ କରିଥିଲେ। ଏଥିସହ ସେ ଦୂରଦର୍ଶନ ଓ ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର ଓ ଗୀତିକବି ସମାଜର ସମ୍ପାଦକ ଥିଲେ। ତାଙ୍କ ବିୟୋଗରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ପରାମର୍ଶଦାତା ପରିଷଦ ଆବାହକ ବିଜୟାନନ୍ଦ ସିଂ, ସଦସ୍ୟ ଅମରେଶ ପଟ୍ଟନାୟକ, ବିଜୟ କୁମାର ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡ. ସଂଗ୍ରାମ ଜେନା, ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁ, ଉପସଭାପତି ସଞ୍ଜିତ୍ ପଟ୍ଟନାୟକ, ଶିଶୁସାହିତ୍ୟ ଲେଖକ ସମ୍ମେଳନର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ନୂତନ ଗୃହ ନିର୍ମାଣ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

କଟକ ଅଫିସ, ୨।୬

ଜିଲାପାଳ ଭବାନୀ ଶଙ୍କର ଚୟନୀ ବୁଧବାର ନୂଆପଡାସ୍ଥିତ ଉତ୍କଳ ବାଳାଶ୍ରମ ପରିଦର୍ଶନରେ ଯାଇଥିଲେ। ସେଠାକାର ସ୍ଥିତି ପରଖିବା ସହିତ ଆବଶ୍ୟକ ଭିତ୍ତିଭୂମିର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି। ସେଥିମଧ୍ୟରେ ବାଳାଶ୍ରମ ଚାରିପଟେ ପାଚେରି ନିର୍ମାଣ କରାଯିବ। ଏଥିସହ ପୁରୁଣା ଗୃହଗୁଡିକୁ ଭାଙ୍ଗି ନୂତନ ଗୃହ ନିର୍ମାଣ କରାଯିବା ପାଇଁ ଜିଲାପାଳ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଗୃହରେ ୧୪୦ ଜଣ ଅନ୍ତେବାସୀଙ୍କ ରହିବା ବ୍ୟବସ୍ଥା ସହ ରୋଷେଇ ଓ ଖାଇବା ପାଇଁ ହଲ୍ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ତେବାସୀଙ୍କ ଦକ୍ଷତା ବିକାଶ ନିମନ୍ତେ ଜିଲାରେ କାର୍ଯ୍ୟ କରୁଥିବା ମିଶନ ଜିରୋ-ଏଫ୍‌କୁ ମଧ୍ୟ ସାମିଲ କରାଯାଇଛି। ମିଶନ ଜିରୋ-ଏଫ ତରଫରୁ ମାସ୍କ, ବିସ୍କୁଟ, ଚକୋଲେଟ ଆଦି ଅନ୍ତେବାସୀଙ୍କୁ ବଣ୍ଟନ କରାଯାଇଥିଲା। ଜିଲାପାଳଙ୍କ ପରିଦର୍ଶନ ସମୟରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅନୁପ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ମିଶନ ଜିରୋ-ଏଫର ସେଣ୍ଟର କୋର୍ଡିନେଟର ଲୋପାମୁଦ୍ରା ମିଶ୍ର, ସେଣ୍ଟର ମୁଖ୍ୟ ରଶ୍ମିତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କାର୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଟାଙ୍ଗୀ,(କଟକ)୨।୬(ଡି.ଏନ୍.ଏ.)

୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ ହରିଅନ୍ତା ଛକ ନିକଟରେ ବୁଧବାର ଅପରାହ୍ନରେ କାର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ପରିଚୟ ମିଳିପାରି ନ ଥିଲେ ମଧ୍ୟ ସେ ଜଣେ ରାଜସ୍ଥାନୀ ବନ୍‌ଜାରା ସମ୍ପ୍ରଦାୟର ଏବଂ ସପରିବାରେ ରାସ୍ତାପାର୍ଶ୍ୱରେ ଟେରାକୋଟା ମାଟିପାତ୍ର ବିକ୍ରି କରୁଥିଲେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଏକ କାର (ନଂ. ଓଡି୦୪ଜି-୧୧୬୬) ଦ୍ରୁତଗତିରେ ଆସୁଥିବାବେଳେ ହରିଅନ୍ତା ଛକ ପୁରୁଣା ଟୋଲ୍‌ପ୍ଲାଜା ନିକଟ ରାସ୍ତାପାର୍ଶ୍ୱରେ ଥିବା ଅସ୍ଥାୟୀ ଦୋକାନ ଭିତରକୁ ପଶିଯାଇଥିଲା। ଫଳରେ ଦୋକାନ ସମ୍ମୁଖରେ ବସିଥିବା ମହିଳାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଟାଙ୍ଗୀ ଥାନା ଅଧିକାରୀ ସଚ୍ଚିଦ୍ରବୀର୍ଯ୍ୟ ଦାଶ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ପଠାଇଥିଲେ। ପରେ କାରକୁ ଜବତ କରିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଥାନାଧିକାରୀ ଦାଶ କହିଛନ୍ତି।

# ଭଙ୍ଗାଗଲା ୮୦ ବାସଗୃହ, ୮ ଦୋକାନ

**ରାସ୍ତା ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ**

କଟକ ଅଫିସ, ୨।୬

ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ତାଳଦଣ୍ଡା କେନାଲ ପାର୍ଶ୍ୱ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଛି। ଏଥିପାଇଁ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଛତ୍ରବଜାର ତେଲୁଗୁସାହିର ୮୦ ବାସଗୃହ ଓ ୮ ଦୋକାନକୁ ଭଙ୍ଗାଯାଇଛି। ୮ ଦିନ ଧରି ଏମାନଙ୍କୁ ରନ୍ଧାଖାଦ୍ୟ ଓ ଆବଶ୍ୟକ ଔଷଧ ଯୋଗାଇ ଦିଆଯିବ। ଏଥିସହ ପ୍ରତ୍ୟେକ ପରିବାରକୁ ୧୫ ଫୁଟ ଲମ୍ବ ଓ ୧୫ ଫୁଟ୍ ଓସାରରେ



କଟକ ଛତ୍ରବଜାର ତେଲୁଗୁସାହିରୁ ଉଚ୍ଛେଦ କରାଯାଉଛି।

ବାସୋପଯୋଗୀ ପ୍ଲଟ, ଘର ନିର୍ମାଣ ପାଇଁ ୫୦ ହଜାର ଟଙ୍କା ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଛି ବୋଲି ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ କହିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାରଠାରୁ ବସ୍ତିବାସିନ୍ଦାଙ୍କୁ ବାଲିସାହିସ୍ଥିତ ସାର୍ଚ୍ଚୋଳ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି।

# ଯୁକ୍ତ୨ ପରୀକ୍ଷା ନେଇ ବଢୁଛି ଦ୍ୱନ୍ଦ୍ୱ

**ମୂଲ୍ୟାୟନ ନେଇ ଚିନ୍ତାରେ ଛାତ୍ରୀଛାତ୍ର**

କଟକ ଅଫିସ,୨।୬

ଦେଶରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦ୍ୱାଦଶ ପରୀକ୍ଷା ଓ କାଉନ୍‌ସିଲ ଫର ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ(ସିଆଇଏସ୍‌ସିଇ)ର ଆଇଏସ୍‌ସି ଦ୍ୱାଦଶ ପରୀକ୍ଷାକୁ ମଙ୍ଗଳବାର ବାତିଲ କରିଦିଆଯାଇଛି। ଏହାରି ମଧ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାକୁ ନେଇ ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢିବାରେ ଲାଗିଛି। ଯଦି ଯୁକ୍ତ୨ ପରୀକ୍ଷା ବାତିଲ କରାଯାଏ, ତେବେ ମୂଲ୍ୟାୟନ ପଦ୍ଧତି ଏକ ସମସ୍ୟା ଭାବରେ ଉଭା ହେବ। କାରଣ ଗତବର୍ଷ କରୋନା ସଂକ୍ରମଣ କାରଣରୁ ଯୁକ୍ତ୨ ପ୍ରଥମବର୍ଷ ପରୀକ୍ଷା କରାଯାଇ ନ ଥିଲା । ଚଳିତବର୍ଷ କେଉଁ ଆଧାରରେ ଛାତ୍ରୀଛାତ୍ରଙ୍କୁ ମାର୍କ ଦିଆଯିବ, ସେ ନେଇ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ମୂଲ୍ୟାୟନ ନେଇ ସିବିଏସ୍‌ଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦେଇ ନ ଥିବାରୁ ଗଣଶିକ୍ଷା ବିଭାଗ ପକ୍ଷରୁ ଚୂଡାନ୍ତ ନିଷ୍ପତ୍ତି ନିଆଯାଇନାହିଁ।

### କିପରି ଦିଆଯିବ ମାର୍କ



"ଯୁକ୍ତଦୁଇ ପ୍ରଥମବର୍ଷ ପରୀକ୍ଷା କରାଯାଇ ନ ଥିଲା। ବର୍ତ୍ତମାନ ମଧ୍ୟ ପରୀକ୍ଷା ହେବାର ସମ୍ଭାବନା କମ୍। ପରୀକ୍ଷା କରାଯାଇ ନ ଥିବାରୁ ମାର୍କ କିପରି ଦିଆଯିବ ଏବଂ ଯୁକ୍ତ ୩ କିମ୍ବା ଅନ୍ୟ ଉଚ୍ଚଶିକ୍ଷା ପାଇଁ କେଉଁ ଆଧାରରେ ଆଡ୍‌ମିଶନ କରିବୁ ତାହାକୁ ନେଇ ଦ୍ୱନ୍ଦ୍ୱ ବଢିବାରେ ଲାଗିଛି।

**-ପୂର୍ଣ୍ଣେନ୍ଦୁ ମହନ୍ତ, ଛାତ୍ର**

### ପରୀକ୍ଷା ହେଲେ ସଂକ୍ରମଣ ବଢ଼ିବା ଆଶଙ୍କା ରହିଛି



"କରୋନା ମହାମାରୀ ସମୟରେ ପରୀକ୍ଷା କରାଗଲେ ଅନେକ ଛାତ୍ରୀଛାତ୍ର ସଂକ୍ରମିତ ହେବା ଆଶଙ୍କା ରହିଛି। ଏଥିସହ ନେଟୱର୍କ ସମସ୍ୟା ଭିତରେ ଅନ୍‌ଲାଇନରେ ପାଠପଢା ହୋଇଛି। ତେବେ କରୋନାର ପ୍ରକୋପ କମିବା ପରେ ପରୀକ୍ଷା କରାଯିବା ଦରକାର ।

**-ଲିଜା ଦାସ, ଛାତ୍ରୀ**

### କେନ୍ଦ୍ର ସରକାରଙ୍କ ପନ୍ଥା ଆପଣାଇବା କଷ୍ଟକର



"ସିବିଏସ୍‌ଇ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ଏକାଦଶ ଶ୍ରେଣୀ ମାର୍କ ଓ ଦ୍ୱାଦଶ ଶ୍ରେଣୀରେ ବିଭିନ୍ନ ସମୟରେ ହୋଇଥିବା ପରୀକ୍ଷା ଆଧାରରେ ରେଜଲ୍ଟ ପ୍ରକାଶ କରିବାକୁ ନିଷ୍ପତ୍ତି ନେଇପାରନ୍ତି। ଏଭଳି ଯଦି ହୁଏ ତେବେ ରାଜ୍ୟ ସରକାରଙ୍କ ପାଖରେ ସମାନ ପନ୍ଥା ଆପଣାଇବା କଷ୍ଟକର ହୋଇପଡ଼ିବ। କାରଣ ଅଧିକାଂଶ ଯୁକ୍ତ୨ କଲେଜରେ ପ୍ରଥମବର୍ଷ ପରୀକ୍ଷା ହୋଇନାହିଁ । ଦ୍ୱିତୀୟ ବର୍ଷରେ ବି ଆଦୌ ପରୀକ୍ଷା କରାଯାଇ ନ ଥିବାରୁ ଏନେଇ ସମସ୍ୟା ଦେଖାଦେବ।

**ସଙ୍ଗୀତା ମିଶ୍ର, ଅଭିଭାବକ**

### ରିସ୍କ ନେବା ଆବଶ୍ୟକ ନାହିଁ



"ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ରିସ୍କ ନେବାକୁ ଚାହୁଁନାହାନ୍ତି । ରାଜ୍ୟ ସରକାର ମଧ୍ୟ ଏନେଇ କୌଣସି ରିସ୍କ ନେବା ଆବଶ୍ୟକ ନାହିଁ। ପିଲାମାନେ ସୁସ୍ଥ ରହିଲେ ଆଗକୁ ଅନେକ ପରୀକ୍ଷା ଦେଇପାରିବେ ।

**-ସମୀରକାନ୍ତ ମହନ୍ତ, ଅଭିଭାବକ**

### ଅନ୍‌ଲାଇନ ପରୀକ୍ଷା କରିବାକୁ ଦାବି



"ସିବିଏସ୍‌ଇ ଓ ଆଇଏସ୍‌ସି ଦ୍ୱାଦଶ ପରୀକ୍ଷା ବାତିଲକୁ ଓଡ଼ିଶା ଅଭିଭାବକ ମହାସଂଘ ସ୍ୱାଗତ କରୁଛି। ଏଥିସହ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମଧ୍ୟ ତୁରନ୍ତ ପରୀକ୍ଷା ବାତିଲ କରିବା ସହ ଅନ୍ୟ ବ୍ୟବସ୍ଥା କରି ପିଲାମାନଙ୍କୁ ମାର୍କ ପ୍ରଦାନ କରୁ। ଯେଉଁମାନେ ସନ୍ତୁଷ୍ଟ ନ ହେବେ ସେମାନେ ଅନ୍‌ଲାଇନ ପରୀକ୍ଷା ବ୍ୟବସ୍ଥା ପାଇଁ ଦାବି କରନ୍ତୁ।

**-ବାସୁଦେବ ଭଟ୍ଟ, ଅଧ୍ୟକ୍ଷ, ଓଡ଼ିଶା ଅଭିଭାବକ ମହାସଂଘ**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩ ଜୁନ୍, ୨୦୨୧



## ସଂକ୍ଷେପରେ

### ମହିଳାଙ୍କ ବେକ କାଟିବା ଘଟଣା: ରଙ୍ଗ ମିସ୍ତ୍ରି ଗିରଫ

ଭୁବନେଶ୍ୱର,୨।୬(ବ୍ୟୁରୋ): ନୟାପଲ୍ଲୀ ଥାନା ଅଧୀନ ଭିଆଇପି କଲୋନୀରେ ଲୁଟ୍ ଉଦ୍ଦେଶ୍ୟରେ ମହିଳାଙ୍କ ବେକ କାଟିବା ଘଟଣାରେ କମିଶନରେଟ୍ ପୋଲିସର ସ୍ପେଶାଲ୍ ସ୍କ୍ୱାଡ୍ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ରେଣ୍ଟାଲ୍ କଲୋନୀର ଅମର ଦିଗଲ। ସେ ମୋବାଇଲ୍ ଫୋନ ଲୁଟ୍ ଉଦ୍ଦେଶ୍ୟରେ ମହିଳାଙ୍କୁ ଆକ୍ରମଣ କରିଥିବା ପୋଲିସ ଆଗରେ କହିଛନ୍ତି। ଅମର ଜଣେ ରଙ୍ଗ ମିସ୍ତ୍ରି। ସେ ପୂର୍ବରୁ କେତେକ ଚୋରିରେ ସମ୍ପୃକ୍ତ ଥିବା ପୋଲିସ କହିଛି। ସୂଚନାଯୋଗ୍ୟ, ନୟାପଲ୍ଲୀ ଏନ୍-୩ ଅଞ୍ଚଳରେ ରହୁଥିବା ଅଂଶୁ ଗୁପ୍ତା ସୋମବାର ସକାଳେ ନିକଟସ୍ଥ ବଜାରକୁ ଯାଉଥିଲେ। ଏହି ସମୟରେ ଅମର ତାଙ୍କ ପିଛା କରିବା ସହ ଲୁଟ୍ ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ।

### ଚୋରକୁ ମାଡ଼ମାରି ପୋଲିସ ଜିମାଦେଲେ

ଯାଁଳା,୨।୬(ଡି.ଏନ୍.ଏ.): ପାତ୍ରପଡ଼ା ଫୁଲେଶ୍ୱରୀ ବସ୍ତିରେ କାର କାଚ ଭାଙ୍ଗି ଜଣେ ଦୁର୍ବୃତ୍ତ ଚୋରି ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକ ଧରି ମାଡ଼ ମାରିବା ସହ ପୋଲିସ ଜିମା ଦେଇଛନ୍ତି। ଅଭିଯୁକ୍ତ ହେଲେ ଫୁଲେଶ୍ୱରୀ ବସ୍ତିରେ ରହୁଥିବା ମୟୂରଭଞ୍ଜ ଜିଲାର ମିଥୁନ ମାରାଣ୍ଡି (୨୫)। ଭରତପୁର ପୋଲିସ ବୁଧବାର ମିଥୁନଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସୂଚନା ମୁତାବକ, ଲାଲୁ ପ୍ରସାଦ ପାତ୍ର ତାଙ୍କ କାର ଘର ଆଗରେ ରଖିଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ମିଥୁନ କାର୍ କାଚ ଭାଙ୍ଗି ପର୍ସ, ଟଙ୍କା ଓ ଦରକାରୀ କାଗଜପତ୍ର ଚୋରି କରୁଥିଲା। ଶବ୍ଦ ଶୁଣି ଲାଲୁ ଓ ପଡ଼ୋଶୀ ଘର ଲୋକେ ଉଠି ପଡ଼ିବାରୁ ମିଥୁନ ଦୌଡ଼ିବାକୁ ଉଦ୍ୟମ କରିଥିଲା। ପରେ ଲୋକେ ମିଥୁନଙ୍କୁ ଧରି ମାଡ଼ ମାରିବା ସହ ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚିବା ପରେ ଜିମା ଦେଇଥିଲେ। ଲାଲୁପ୍ରସାଦଙ୍କ ଅଭିଯୋଗକ୍ରମେ ପୋଲିସ ମିଥୁନଙ୍କୁ ଗିରଫ କରିଥିଲା।

### ବିଦାୟକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ(ଖୋର୍ଦ୍ଧା)/ଜଟଣୀ, ୨।୬ (ଡି.ଏନ୍.ଏ.): ଟାଙ୍ଗୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ପଟ୍ଟନାୟକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ମଞ୍ଜୁଲତା ଦେଈଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଙ୍କ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାବିତ୍ରୀ ସାହୁ, ସୁକାନ୍ତ ଦାସ, ସଲିଳ ସ୍ୱାଇଁ, ସନ୍ତୋଷ ବେହେରା, ପ୍ରସନ୍ନ ଶ୍ରୀଚନ୍ଦନ, ପ୍ରସନ୍ନ ପାଇକରାୟ, ରବୀନ୍ଦ୍ର ବେହେରା, କୁମୁଦିନୀ ଦେଈ ପ୍ରମୁଖ ଯୋଗଦେଇ ପଟ୍ଟନାୟକଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରୋଭିଜନାଲ ପେନ୍ସନର କାଗଜପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେନ ବାହୁବଳେନ୍ଦ୍ର ଧନ୍ୟବାଦ ଦେଇଥିଲେ। ସେହିପରି ଜଟଣୀ ବ୍ଲକ ପାଣ୍ଡିଆବିଲିସ୍ଥ ହରିଡାମଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନବକିଶୋର ପରିଡାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉତ୍ସବରେ ଅକ୍ଷୟ ପାଲଟାସିଂ, ଟୁଲୁ ଦେଈ, ଜିଲା ରବି ମହାନ୍ତି, ଉଗ୍ରସେନ ରଣସିଂ, ତ୍ରିନାଥ ସାମନ୍ତରାୟ ଏବଂ ଜଟଣୀ ବ୍ଲକର ସିଆରସିସି ଯୋଗଦେଇଥିଲେ। ବ୍ଲକ୍ ଶିକ୍ଷାଧିକାରୀ ନିରୁପମା ବେହେରାଙ୍କୁ ଯାଁଳାସ୍ଥ ବିଇଓ କାର୍ଯ୍ୟାଳୟରେ ସିଆରସିସି ମାନଗୋବିନ୍ଦ ସାହୁ ସମ୍ବର୍ଦ୍ଧିତ କରିଥିଲେ।

# ଅସ୍ତିତ୍ୱ ହରାଇବ ଘୋଡ଼ାଡ଼ିହ କଳାପାହାଡ଼

■ ପ୍ରଶାସନର ଅନୁମତିକୁ ବିରୋଧ
■ ଉଜୁଡ଼ି ଯିବ ଔଷଧୀୟ ବୃକ୍ଷ

ବେଗୁନିଆ,୨।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ତହସିଲ ଅନ୍ତର୍ଗତ ପରିଛଳ ମୌଜାରେ ରହିଛି ଘୋଡ଼ାଡ଼ିହ କଳାପାହାଡ଼। ଗାଁ ପରିବେଶର ସୌନ୍ଦର୍ଯ୍ୟ ବର୍ଦ୍ଧନ କରିଥାଏ। ୨ଏକର ପରିମିତକୁ ନେଇ ଖାତା ନଂ.୩୭୩ର ପ୍ଲଟ ନଂ.୧୫୧୨ ଓ ୧୫୧୪ ଜଗନ୍ନାଥଙ୍କ ଭୂସମ୍ପତ୍ତିରେ ପ୍ରାକୃତିକ ସବୁଜ ବନାନୀରେ ଏହି ପାହାଡ଼ ରହିଛି। ଏହି ପାହାଡ଼ରୁ କଳାମୁଗୁନି ପଥର କାଟିବା ପାଇଁ ପ୍ରଶାସନ ପକ୍ଷରୁ ଟେଣ୍ଡର ନ କରାଯାଇ ଏକ କନଷ୍ଟ୍ରକ୍ସନ କମ୍ପାନୀକୁ ୩ମାସ ପାଇଁ ଲିଜ୍ ଦିଆଯାଇଛି। ଏହା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏନେଇ ସ୍ଥାନୀୟ ଅଞ୍ଚଳର କୌସନ ଖାନ୍, କେଦାର ମାର୍ଥା, ସୁଲତାନ ଖାନ୍, ଜମ୍ନେଶ୍ୱର ବଳିୟାରସିଂହ ପ୍ରମୁଖ ଜିଲାପାଳ, ତହସିଲଦାର, ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ସୌନ୍ଦର୍ଯ୍ୟ ବର୍ଦ୍ଧନ କରୁଥିବା ଏହି ପାହାଡର ପରିଧିରେ ଅନେକ ଔଷଧୀୟ ବୃକ୍ଷ ରହିଛି। ସୁରକ୍ଷା ଦିଆଯାଇ ଉଜାଡ଼ି ଦିଆ ନ ଯାଉ। ପଥର ଉତ୍ତୋଳନ କରାଗଲେ କମ୍ ଦିନରେ ପୁରାତନ ଏହି ପାହାଡ଼ ଅସ୍ତିତ୍ୱ ହରାଇବ। ଏହା ସହ ଡିନାମାଇଟ୍ ବିସ୍ଫୋରଣରେ ଚାରିପଟେ ଥିବା ଘର ଓ ଚାଷଜମି କ୍ଷତିଗ୍ରସ୍ତ ହେବା ନେଇ ଗ୍ରାମବାସୀ ଆଶଙ୍କା କରିଛନ୍ତି। ଦାବି ପରେ ଯଦି ଖଣି ଖନନ ପାଇଁ ଅନୁମତି ଦିଆଯାଏ ତା'ହାଲେ ଗଣ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ଏ ସମ୍ପର୍କରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ କହିଛନ୍ତି, ପୂର୍ବରୁ ଏହି ତହସିଲ ଅଞ୍ଚଳରୁ ମାଫିଆମାନେ ବେଆଇନ ଭାବେ ଖଣିରୁ ପଥର କାଟି ଚାଲାଣ କରୁଥିଲେ। ତେଣୁ ରାଜସ୍ୱ ବୃଦ୍ଧି ପାଇଁ ବିଭିନ୍ନ ଖଣିକୁ ସରକାରୀ ଭାବେ ନିଲାମ ଓ ଲିଜ୍ ଦେବା ପାଇଁ ପ୍ରକ୍ରିୟା ଜାରି ରହିଛି। ଏହି ପାହାଡ଼ରୁ ୧୨ଲକ୍ଷ ଟଙ୍କା ଆଦାୟ ହୋଇପାରିବ ବୋଲି ସେ କହିଛନ୍ତି।


ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡଠାରେ ବୁଧବାର ପ୍ରଶାସନ ପକ୍ଷରୁ ସଚେତନତା ସହ ଯାଞ୍ଚ କରାଯାଉଛି।

## ଏନ୍‌ଫୋର୍ସମେଣ୍ଟ କଡ଼ାକଡ଼ି: ୩୭,୭୦୦ ଜରିମାନା ଆଦାୟ

ଖୋର୍ଦ୍ଧା ଅଫିସ,୨।୬

କରୋନା ସଂକ୍ରମଣ ନିୟନ୍ତ୍ରଣ ଲାଗି ସରକାର ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଏନ୍‌ଫୋର୍ସମେଣ୍ଟକୁ କଡ଼ାକଡ଼ି କରାଯାଇଛି। ବୁଧବାର ଖୋର୍ଦ୍ଧା ସହରରେ ମାସ୍କ ଚେକିଂ କଡ଼ାକଡି କରାଯାଇଛି। ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢୀ, ଉପଜିଲାପାଳ ଅଶୋକ ବେଉରିଆ, ତହସିଲଦାର ପଦ୍ମଚରଣ ସାହୁ, ଏସ୍‌ପି ରାଜକିଶୋର ଦୋରା ପ୍ରମୁଖ ସ୍ଥାନୀୟ ନୂଆ ବସଷ୍ଟାଣ୍ଡଠାରେ କୋଭିଡ୍ ସଚେତନ ସହ ବିନା ମାସ୍କରେ ଓ ବିନା କାରଣରେ ବୁଲୁଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରିଥିଲେ। ଦିନକରେ ୩୭,୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଅତିରିକ୍ତ ଜିଲାପାଳ ପାଢୀ କହିଛନ୍ତି। ନୂଆ ବସଷ୍ଟାଣ୍ଡଠାରେ ୭୧ଜଣଙ୍କ ଠାରୁ ୨୧ ହଜାର ୩ଶହ, ଚଣ୍ଡିତୁଆଠାରେ ୧୫ଜଣଙ୍କ ଠାରୁ ୩ ହଜାର ଏବଂ ମୁକୁନ୍ଦପ୍ରସାଦ ଠାରୁ ୬୭ ଜଣଙ୍କଠାରୁ ୧୩ ହଜାର ୪ଶହ ଟଙ୍କା ଜରିମାନା ଆଦାୟ ହୋଇଛି।

## ୧୮୪ ପଜିଟିଭ୍, ୩୦୯ ସୁସ୍ଥ

ଖୋର୍ଦ୍ଧା ଅଫିସ,୨।୬

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ବୁଧବାର ୧୮୪ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୩୦୯ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୨୦, ବାଲିପାଟଣା ୧୧, ଭୁବନେଶ୍ୱର ବ୍ଲକ ୧୦, ଜଟଣୀ ୩୧, ଖୋର୍ଦ୍ଧା ୨୪, ବେଗୁନିଆ ୧୭, ବୋଲଗଡ଼ ୨୩, ଟାଙ୍ଗୀ ୨୩, ଚିଲିକା ୧୧ ଏବଂ ବାଣପୁରର ୧୪ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ, ଜିଲାରେ ମୋଟ ୩,୫୦,୧୬୪ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୧,୭୦୮ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ୨୦,୩୭୨ ଜଣ ସୁସ୍ଥ ହୋଇ ଫେରିଛନ୍ତି। ୬୮ ଜଣଙ୍କର ମୃତ୍ୟୁ ଘଟିଛି। ୧୨୬୮ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଅନ୍ୟପଟେ ଖୋର୍ଦ୍ଧା ଉପଖଣ୍ଡରେ ବୁଧବାର ୧୨୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୪୧ଜଣ ସୁସ୍ଥ ହୋଇଛନ୍ତି। ବୁଧବାର ସୁଦ୍ଧା ଏହି ଉପଖଣ୍ଡରେ ମୋଟ ୪୫୩୭ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୩୫୬୮ ସୁସ୍ଥ ହୋଇ ଫେରିଛନ୍ତି। ୯ଜଣଙ୍କ ମୃତ୍ୟୁ ଘଟିଛି। ୯୬୦ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ସେଥିରୁ ୭୯୩ ଘରୋଇ ସଙ୍ଗରୋଧ ଏବଂ ୧୬୬ଜଣ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି।

## ରଥଖଳାରୁ

### ଆଜି ଭଉଁରିରେ ଅଖ ଡେରା ନୀତି



ପୁରୀ ଅଫିସ,୨।୬

ରଥଖଳାରେ କଟକଣା ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। ରଥ ସଂହିତା ଅନୁଯାୟୀ ଭଉଁରି ତିଥିରେ ତିନି ରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଥାଏ। ଗୁରୁବାର ଭଉଁରି ତିଥି ଥିବାରୁ ଚକ ଅଖ ଡେରା ନୀତି ଅନୁଷ୍ଠିତ ହେବ। ତେବେ ଚକ ଅଖ ସଂଯୋଗ ବା ଚକ ଅଖ ଡେରା ନୀତି ହେବାର ନିର୍ଦ୍ଧାରିତ ସମୟ ପୂର୍ବରୁ ରଥଖଳାରେ ଚକ ଅଖ ନିର୍ମାଣ ପ୍ରସ୍ତୁତି ସରିଛି। ତିନି ରଥର ମୋଟ ୪୨ଟି ଚକ ମଧ୍ୟରୁ ୧୫ରୁ ଊର୍ଦ୍ଧ୍ୱ ଚକର କାର୍ଯ୍ୟ ସରିଛି। ସେଥିମଧ୍ୟରୁ ତାଳଧ୍ୱଜ ରଥର ୬ଟି ଚକ, ଦେବଦଳନ ରଥର ୫ଟି ଚକ ଏବଂ ନନ୍ଦିଘୋଷ ରଥର ୬ଟି ଚକ ସମ୍ପୂର୍ଣ୍ଣ ହୋଇଛି। ତାଳଧ୍ୱଜ ରଥର ଆଉ ୨ଟି ଚକର କାମ ଆରମ୍ଭ ହୋଇଛି। ବୁଧବାର କାମ ଶେଷ ବେଳକୁ ୭ମ ଚକ ପାଇଁ ତୁମ୍ବରେ ଅରରେ ପଇ ଲାଗି ସାରିବା ସହ କଳସା କାମ ସରିଛି। ତେବେ ବିଲେଇ ବାଡ଼ିଆ ପରେ ୭ମ ଚକା କାର୍ଯ୍ୟ ଶେଷ ହେବ। ଏଥିସହ ଅଷ୍ଟମ ଚକା ପାଇଁ ତୁମ୍ବରେ ଅର ଲାଗି ସିଙ୍ଗଡ଼ା ବାଡ଼ିଆ ପ୍ରସ୍ତୁତ ଚାଲିଛି। ଦେବଦଳନ ରଥର ୫ଟି ଚକ ଶେଷ ହୋଇ, ଷଷ୍ଠ ଚକର ତୁମ୍ବରେ ଅର ଲାଗି ହୋଇ ସିଙ୍ଗଡ଼ା ବାଡ଼ିଆ ହୋଇ ଅର କଟିଂ ସହ ଅର ସାଲ ସରିଛି। ୭ମ ଚକ ପାଇଁ ତୁମ୍ବରେ ଅର ଲାଗି ହୋଇ ପଇ ବିନ୍ଧ କାମ ଚାଲିଛି। ନନ୍ଦିଘୋଷ ରଥର ୬ଟି ଚକ ସମ୍ପୂର୍ଣ୍ଣ ହୋଇ ଆଉ ୨ଟି ଚକ, ସପ୍ତମ ଏବଂ ଅଷ୍ଟମ ଚକର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୭ମ ଚକର ତୁମ୍ବରେ ଅର ପଇ ଲାଗି ହୋଇ ପଇ କଳସା କାମ ଚାଲୁଛି। ୮ମ ଚକର ତୁମ୍ବରେ ଅର ଲାଗି ହୋଇ ସିଙ୍ଗଡ଼ା ବାଡ଼ିଆ ସରିଛି। ନନ୍ଦିଘୋଷ ରଥର ୮ଟି ଅଖ ମଧ୍ୟରୁ ୨ଟି ନାହାକା ଅଖ ୨ଟି ପଡିନାହାକା ଅଖ ଦୁଇ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ହୋଇଥିବାବେଳେ, ବୁଧବାର ୨ଟି ବଡ ଉଛଳା ଅଖ ଏବଂ ଦୁଇଟି ସାନ ଉଛଳା ବ୍ରେକ ଅଖର ଦୁଇ ପାର୍ଶ୍ୱ ଗୋଲେଇ କାମ ଚାଲୁ ରହିଛି। ଦୋଳବେଦି ସ୍ଥିତ ଅସ୍ଥାୟୀ କମାର ଶାଳରେ ଓଝା ସେବକମାନେ ତୁମ୍ବ ପାଇଁ ପନ୍ଦାରି, ବଳା ନିର୍ମାଣ ଶେଷ ପରେ ୬ ଏମ୍‌ଏମ୍‌ର ପନ୍ଦାରି ଚାବି, ୧୬ ଏମ ଏମର ଗୟଲ କଣ୍ଟା ଯୋଖା, କଇଁଚି ଏବଂ ଛନ୍ଦା ଗୟଳରେ ଲାଗିବା ପାଇଁ କଣ୍ଟା ନିର୍ମାଣ ଜାରି ରହିଛି। ମୁଖ୍ୟପ୍ରଶାସକ ଡ.କ୍ରିଷନ କୁମାର ଏବଂ ଜିଲାପାଳ ରଥଖଳାକୁ ଯାଇ ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

# ଜାଗା ଦେବାକୁ କହି ୧୧ଲକ୍ଷ ଟଙ୍କା ଠକେଇ

**ମହିଳା ଗିରଫ, ସ୍ୱାମୀ ଫେରାର**

ଭୁବନେଶ୍ୱର,୨।୬(ବ୍ୟୁରୋ)

ସମ୍ବଲପୁରରେ ଜମି ଦେବାକୁ କହି ଏକ ଦମ୍ପତି ୧୬ଲକ୍ଷ ଟଙ୍କା ଠକି ନେଇଥିଲେ। ଅଭିଯୋଗ ପରେ ପୋଲିସ ବୁଧବାର ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଥିବାବେଳେ ତାଙ୍କ ସ୍ୱାମୀ ଫେରାର ହୋଇଯାଇଛନ୍ତି। ଗିରଫ ମହିଳା ହେଲେ ବରଗଡ଼ ଜିଲା ଅମ୍ବାଭନାର ଭାରତୀ ସିଧାର। ଭାରତୀଙ୍କ ସ୍ୱାମୀ ଭୀଷ୍ମ ସିଧାରଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଜୟଶ୍ରୀ ନାୟକଙ୍କ ସ୍ୱାମୀ ଓ ଅଭିଯୁକ୍ତ ଭୀଷ୍ମ ସିଧାର ଉଭୟ ଭୁବନେଶ୍ୱରସ୍ଥିତ ସିଆର୍‌ପିଏଫରେ କାର୍ଯ୍ୟ କରନ୍ତି। ଜୟଶ୍ରୀଙ୍କ ସ୍ୱାମୀ ସମ୍ବଲପୁରରେ କାର୍ଯ୍ୟରତ ଥିବାବେଳେ ସେଠାରେ ଏକ ଜାଗା କିଣିବାକୁ ଇଛା କରିଥିଲେ। ଏହି ସମୟରେ ଭୀଷ୍ମ ଓ ତାଙ୍କ ସ୍ତ୍ରୀ ଭାରତୀ ସମ୍ବଲପୁରରେ ଥିବା ତାଙ୍କ ଜାଗା ବିକ୍ରି କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ। ୨୦୧୭ରେ ଜାଗା ବିକ୍ରି କରିବା ବାବଦରେ ଅଭିଯୁକ୍ତ ଦ୍ୱୟ ଜୟଶ୍ରୀଙ୍କ ସ୍ୱାମୀଙ୍କଠାରୁ ୧୧ଲକ୍ଷ ଟଙ୍କା ନେଇଥିଲେ। ହେଲେ ଟଙ୍କା ନେବାର ଦୀର୍ଘ ୪ବର୍ଷ ପରେ ମଧ୍ୟ ସେମାନେ ଜାଗା ଦେଇ ନ ଥିଲେ। ଜୟଶ୍ରୀ ଓ ତାଙ୍କ ସ୍ୱାମୀ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେମାନେ ଧରାଛୁଆଁ ଦେଇ ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ଏନେଇ ଜୟଶ୍ରୀ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ।

# ୪ରୁ ଚିଲିକାରେ ଘେରି ଉଚ୍ଛେଦ ଆରମ୍ଭ

**ପ୍ରଶାସନ ସହ ପେସାଦାର ମତ୍ସ୍ୟଜୀବୀଙ୍କ ଆଲୋଚନା**



କୃଷ୍ଣପ୍ରସାଦ,୨।୬(ଡି.ଏନ୍.ଏ.)

ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଲିକାରେ କୌଣସି ଘେରି ନ ରହିବା ପାଇଁ ନିର୍ଦ୍ଦେଶ ରହିଛି। ଏନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ବୁଧବାର କୃଷ୍ଣପ୍ରସାଦ ଥାନା ପରିସରରେ କୋଭିଡ୍ ନିୟମ ଅନୁଯାୟୀ ପ୍ରଶାସନ ସହ ପେସାଦାର ମତ୍ସ୍ୟଜୀବୀଙ୍କ ଆଲୋଚନା ହୋଇଛି। ତହସିଲଦାର ଉଲ୍ଲାସ କୁମାର ସେଠୀ, ଆଇଆଇସି ଦିଲୀପ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ରାଜସ୍ୱ ନିରୀକ୍ଷକ ଯୋଗଦେଇଥିଲେ। ୪ ତାରିଖ ପୂର୍ବରୁ ଚିଲିକାରେ କରିଥିବା ଘେରିଗୁଡ଼ିକୁ ଉଠାଇ ନେବା ସହ ଛାଡିଥିବା ମାଛ ଚିଙ୍ଗୁଡ଼ିକୁ ଧରି ନେବା ପାଇଁ ପରାମର୍ଶ ଦିଆଯାଇଛି। ଏହା ଦ୍ୱାରା ହିତାଧିକାରୀଙ୍କ କ୍ଷତିର ପରିମାଣ କମିଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଛନ୍ତି। ଆସନ୍ତା ଶୁକ୍ରବାର ତଥା ୪ ତାରିଖରୁ ଚିଲିକାରୁ ପୁଣି ଘେରି ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହେବ। ଅନ୍ୟପଟେ ଚିଲିକା ହେଉଛି ସ୍ଥାନୀୟ ଅଞ୍ଚଳର ଭାତହାଣ୍ଡି। ଚିଲିକାକୁ ନ ଗଲେ ଲୋକଙ୍କ ଘରେ ଚୁଲି ଜଳେ ନାହିଁ। ତେଣୁ ସରକାର ଏବଂ ନ୍ୟାୟାଳୟ ଏହାକୁ ପୁନର୍ବିଚାର କରି ଲକ୍ଷଲକ୍ଷ ଲୋକଙ୍କ ଜୀବନ ଜୀବିକା ବଞ୍ଚାଇବା ପାଇଁ ଚିଲିକା ନୀତି ପ୍ରଣୟନ କରିବା ପାଇଁ ଦାବି ହେଉଛି। ଚିଲିକାର ଅଂଶବିଶେଷ ଗ୍ରାମ ଅଧୀନରେ ଥିବା ଗ୍ରାମବାସୀଙ୍କ ସହ ଆଲୋଚନା କରିବାକୁ ଯୋଗଦେଇଥିବା ପେସାଦାର ମତ୍ସ୍ୟଜୀବୀମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ଅଞ୍ଚଳର ସୀମାଞ୍ଚଳ ନାୟକ, ଅଭିରାମ ସିଂହ, ଶରତ ଚନ୍ଦ୍ର ନାୟକ, ହିରଣ୍ୟ ଜେନା, ନରେନ୍ଦ୍ର ବେହେରା, ଦୀନବନ୍ଧୁ ଜେନା, ସୁବାସ ଚନ୍ଦ୍ର ଗୌଡ ପ୍ରମୁଖ ଉପସ୍ଥିତ ଥିଲେ।

# 'ରାଜ୍ୟ ସରକାରଙ୍କ ଅପରିପକ୍ୱତାର ପରିଚୟ'

**ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ପ୍ରସଙ୍ଗ**

ଖୋର୍ଦ୍ଧା ଅଫିସ,୨।୬

ଗ୍ଲୋବାଲ ଟେଣ୍ଡର ନିଷ୍ପତ୍ତିକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ। ଖୋର୍ଦ୍ଧାରେ ବୁଧବାର ଆୟୋଜିତ ଏକ ରକ୍ତଦାନ ଶିବିରରେ ଯୋଗଦାନ ଅବସରରେ ଷଡ଼ଙ୍ଗୀ କହିଛନ୍ତି ଯେ, ଏହା ସରକାରଙ୍କ ଅପରିପକ୍ୱତାର ପରିଚୟ। ସରକାର ପ୍ରଥମେ ଖୋଲା ବଜାରରୁ ଟିକା କିଣିବା ଲାଗି ଟେଣ୍ଡର ଆହ୍ୱାନ କରିଥିଲେ। ଏଥିରେ ବିଫଳ ହେବା ପରେ ଏବେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ର ସରକାର ଖୋଲା ଟେଣ୍ଡର ପ୍ରକ୍ରିୟା ବ୍ୟବସ୍ଥା କରିଥିଲେ। ରାଜ୍ୟ ସରକାର ଏଥିରେ ବିଫଳ ହେବା ପରେ ଏବେ କେନ୍ଦ୍ର ଏହି ନିଷ୍ପତ୍ତି ନେଉ କହିବା ହାସ୍ୟାସ୍ପଦ ବୋଲି ଷଡ଼ଙ୍ଗୀ କହିଛନ୍ତି।

ପ୍ରକାଶ ଯେ, କରୋନା ମୁକାବିଲା ଲାଗି ଟିକା ଏକମାତ୍ର ମାଧ୍ୟମ। ଭାରତ ସମେତ ବିଭିନ୍ନ ଟିକା ଉତ୍ପାଦନକାରୀ ଦେଶରେ ଟିକା ସମ୍ପୂର୍ଣ୍ଣ ଭାବେ ଉପଲବ୍ଧ ନ ଥିବା ବେଳେ ଓଡ଼ିଶା ସମେତ କେତେକ ରାଜ୍ୟ ଗ୍ଲୋବାଲ ଟେଣ୍ଡର ମାଧ୍ୟମରେ ଟିକା କିଣିବା ଲାଗି ଆଗ୍ରହ ପ୍ରକାଶ କରିଥିଲେ। ତେବେ ଦେଶରେ ଟିକା ପ୍ରସ୍ତୁତକାରୀ ଦୁଇ ସଂସ୍ଥା ସିରମ ଇନଷ୍ଟିଚ୍ୟୁଟ ଏବଂ ଭାରତ ବାୟୋଟେକ୍ ଓଡ଼ିଶାର ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ ନ କରିବା ସମସ୍ତଙ୍କୁ ଚକିତ କରିଛି। ରାଜ୍ୟ ସରକାର ୧୮ରୁ ୪୪ବର୍ଷ ଯୁବବର୍ଗଙ୍କ ଲାଗି ମାଗଣା ଟିକା ଦିଆଯିବ ବୋଲି ଘୋଷଣା କରିଛନ୍ତି। ଆବଶ୍ୟକତା ଅନୁଯାୟୀ ଭାରତ ସରକାର ଟିକା ଯୋଗାଇ ନ ପାରିବାରୁ ରାଜ୍ୟ ସରକାର ବିଶ୍ୱ ସ୍ତରରେ ଟିକା କିଣିବା ଲାଗି ନିଷ୍ପତ୍ତି ନେଇଥିଲେ। ତେବେ ଡିସିଜିଆଇର କଟକଣା ଯୋଗୁ କୌଣସି ବିଦେଶୀ ସଂସ୍ଥା ଏହି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ ନ କରିବାରୁ ରାଜ୍ୟ ସରକାରଙ୍କୁ ଶକ୍ତ ଧକ୍କା ଲାଗିଛି। ଟିକା ଅଭାବ ସମସ୍ୟାକୁ ଦୂର କରିବା ଲାଗି ରାଜ୍ୟ ସରକାର ପୁଣି ଥରେ କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି ବୋଲି ଷଡ଼ଙ୍ଗୀ କହିଛନ୍ତି।

## ଲେଖିକା ମୀନାକ୍ଷୀ ଦେବୀଙ୍କ ପରଲୋକ

କଟକ ଅଫିସ, ୨।୬

ବିଶିଷ୍ଟ ଲେଖିକା ତଥା ଉତ୍କଳ ସାହିତ୍ୟ ସମାଜ ସାଧାରଣ ସମ୍ପାଦିକା ମୀନାକ୍ଷୀ ଦେବୀ(୬୬)ଙ୍କର ବୁଧବାର ପରଲୋକ ହୋଇଯାଇଛି। କଟକ ରାଜାବଗିଚା ଚକୋଲେଟ୍ ଲେନ୍‌ସ୍ଥିତ ବାସଗୃହରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଏସ୍‌ସିବି ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଶଶିଭୂଷଣ ତ୍ରିପାଠୀ ଉପସ୍ଥିତ ଥିଲେ। ଗୁରୁବାର ମୀନାକ୍ଷୀଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ୧୯୫୫ ଅଗଷ୍ଟ ୧ରେ ପୁରୀ ଜିଲା ଶ୍ରୀପୁରୁଷୋତ୍ତମପୁର ଗ୍ରାମରେ ମୀନାକ୍ଷୀ ଜନ୍ମଗ୍ରହଣ କରିଥିଲେ। ସେ ପ୍ରାୟ ୩୦ ପୁସ୍ତକ ରଚନା କରିଥିଲେ।

# ୩ କି.ମି. ଚାଲି ସଚେତନ କଲେ ଉପଜିଲାପାଳ

ବୋଲଗଡ଼,୨।୬(ଡି.ଏନ୍.ଏ.)

କୋଭିଡ୍ ସ୍ଥିତି ନେଇ ବୁଧବାର ବୋଲଗଡ଼ ବ୍ଲକ କାର୍ଯ୍ୟାଳୟର ରାଜୀବ ଗାନ୍ଧୀ ସଭାଗୃହରେ ଉପଜିଲାପାଳ ଅଶୋକ ବେହୁରିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଞ୍ଚଳରୁ କିପରି କରୋନାକୁ ପ୍ରତିହତ କରାଯିବ, ସେ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ବୈଠକରେ ଉପସ୍ଥିତ ପ୍ରତିନିଧିଙ୍କଠାରୁ ମତାମତ ଲୋଡିଥିଲେ। ସଚେତନତାର ଆବଶ୍ୟକତା ରହିଛି, ଏହାକୁ ପ୍ରାଧାନ୍ୟ ଦେବା ପାଇଁ ଆହ୍ୱାନ ଦେଇଥିଲେ। ବିଡିଓ ଧୋବେଇ ଚରଣ ନାୟକ, ତହସିଲଦାର ହେମେନ୍ଦ୍ର ନାରାୟଣ ମହାନ୍ତି, ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦୁର୍ଗାପ୍ରସାଦ ଜେନା, ଥାନା ଅଧିକାରୀ ବିଦିତା ନାୟକ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସମେତ ବ୍ଲକର ୧୯ଟି ପଞ୍ଚାୟତର ଜନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପରେ ଉପଜିଲାପାଳ ବେହୁରିଆ, ବ୍ଲକ ପ୍ରଶାସନ ଅଧିକାରୀଙ୍କ ସମେତ ଜନପ୍ରତିନିଧିମାନେ ବୋଲଗଡ଼ ବଜାରରୁ ଚୂଡ଼ା ଗ୍ରାମ ପର୍ଯ୍ୟନ୍ତ ୩ କିଲୋମିଟର ଚାଲିଚାଲି ଲୋକଙ୍କୁ ମାସ୍କ ବଣ୍ଟନ କରିବା ସହ ସଚେତନ କରିଥିଲେ। ଉପଜିଲାପାଳଙ୍କ ଏହି ପଦକ୍ଷେପକୁ ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।


ଉପଜିଲାପାଳ ଅଶୋକ ବେହୁରିଆ ଚାଲି ଚାଲି ସଚେତନ କରୁଛନ୍ତି।

# ମିଳୁନି ସେବା, ରୋଗୀ ହନ୍ତସନ୍ତ

■ ସେବା ନ ପାଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଛନ୍ତି
■ ପୂର୍ବାହ୍ନରେ ଆସି, ଅପରାହ୍ନକୁ ନାହାନ୍ତି ଡାକ୍ତର




ବେଗୁନିଆ,୨।୬(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଛି, ହେଲେ ମିଳୁନି ଉପଯୁକ୍ତ ସେବା। ଏଠାରେ ଆବଶ୍ୟକ ସଂଖ୍ୟକ ଡାକ୍ତର, କର୍ମଚାରୀ ନାହାନ୍ତି। ଯେଉଁଠି ଅଛନ୍ତି ସେଠାରେ ଉପଯୁକ୍ତ ସେବା ମିଳୁନାହିଁ। ଡାକ୍ତରମାନେ ମନଇଚ୍ଛା କାର୍ଯ୍ୟ କରୁଥିବାବେଳେ ଅଧିକାଂଶ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ଚିକିତ୍ସା ସେବା ଯୋଗାଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ କୋଭିଡ୍ ସମୟରେ କେତେଜଣ ଡାକ୍ତର ଦୈନିକ ଉପସ୍ଥାନ ପକାଇ ଘରୋଇ କ୍ଲିନିକ୍ ମୁହାଁ ହେଉଛନ୍ତି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ତଦାରଖ କରୁଛନ୍ତି। କର୍ତ୍ତବ୍ୟରେ ଅବହେଳା କରୁଥିବା ଡାକ୍ତର ଓ କର୍ମଚାରୀଙ୍କୁ ତାଗିଦ୍ କରୁଛନ୍ତି। ପରେ ପୁଣି ପୂର୍ବ ଭଳି ଚାଲୁଛି। ସୂଚନାଥାଉ କି, ଏହି ବ୍ଲକର ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୨୧ଟି ଉପ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମିଶାଇ ବିଭିନ୍ନ ବିଭାଗର ୫ଜଣ ଡାକ୍ତର ଦୈନିକ ସକାଳ ୮ଟାରୁ ୧୨ଟା ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ରୋଗୀ ସେବା ଯୋଗାଇଦେବା କଥା। ମାତ୍ର ନିୟମିତ ନ ଆସି ପାଳି କରି ଆସୁଛନ୍ତି। ସେହିପରି ସିକୋ, ହଜ, କଣ୍ଟାବାଡ଼, ବାଘମାରି, ଡିଙ୍ଗର, ପରିଛଳ, ପୋଡାଡ଼ିହ ଆଦି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅପରାହ୍ନରେ ଡାକ୍ତରମାନେ ନ ଆସି ଘରୋଇ କ୍ଲିନିକ୍‌ରେ କାର୍ଯ୍ୟ କରୁଥିବା ନଜର ରହିଛି। ଡାକ୍ତରଙ୍କ ପରିବର୍ତ୍ତେ ଫାର୍ମାସିଷ୍ଟମାନେ କାମ ଚଳାଉଛନ୍ତି। ସେହିପରି କଣ୍ଟାବାଡ, ବେଗୁନିଆ ଏବଂ ବୋତଲମା ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭବତୀଙ୍କୁ ପ୍ରସୂତି କରାଇବା ପାଇଁ ନିୟମ ରହିଥିଲେ ମଧ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଉଛନ୍ତି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତି କହିଛନ୍ତି, ଅଭିଯୋଗ ପାଇବା ପରେ ଏହାର ତଦାରଖ କରୁଛି।

## ୬୬ଜଣଙ୍କୁ ଜମିପଟ୍ଟା ଦେଲା ରାଜସ୍ୱ ରଥ

କଣାସ,(ସ୍ୱ.ପ୍ର.)- କଣାସ ବ୍ଲକରେ ବୁଧବାର ରାଜସ୍ୱ ରଥ ଗଡିବା ଆରମ୍ଭ ହୋଇଛି। ଏହି ରଥକୁ ପୁରୀ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥ ଶର୍ମା ପତାକା ଦେଖାଇ ଉଦ୍‌ଘାଟନ କରିବା ସହିତ କଣାସ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପ୍ରଥମେ ପଟ୍ଟା ପ୍ରଦାନ କରିଥିଲେ। ପଟ୍ଟା ପ୍ରଦାନ ସମୟରେ ତହସିଲଦାର ଲକ୍ଷ୍ମୀଧର ମହାରଣା, ବିଡିଓ ଲୋଚନ ଦାସ, କଣାସ ଥାନା ଆଇଆଇସି ତପନ ରାଉତ, ଅତିରିକ୍ତ ତହସିଲଦାର ସହଦେବ ସାହୁ, ଅତିରିକ୍ତ ତହସିଲଦାର ଅନିଲ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ପ୍ରଥମ ଦିନରେ କଣାସ ରାଜସ୍ୱ ସର୍କଲର ୬୬ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିବା ତହସିଲଦାର ପ୍ରକାଶ କରିଥିଲେ। କଣାସ ତହସିଲ ଅଧୀନରେ ଥିବା ୯ଟି ରାଜସ୍ୱ ସର୍କଲରେ ଏହି ରଥ ପ୍ରତ୍ୟେକ ଦିନ ଓ ପ୍ରମାଣପତ୍ର ବଣ୍ଟନ କରିବେ ବୋଲି ତହସିଲଦାର ସୂଚନା ଦେଇଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୦୨।୦୬।୨୦୨୧
୨୧,୪୯୩ ଟଙ୍କା

## ସଂକ୍ଷେପରେ

### ବଜ୍ରପାତରେ ବୃଦ୍ଧ ମୃତ

ବ୍ରହ୍ମଗିରି,୨।୬(ଡି.ଏନ୍.ଏ.)- ବ୍ରହ୍ମଗିରି ଥାନା ଅନ୍ତର୍ଗତ ରେବଣା ନୂଆ ଗାଁରେ ବୁଧବାର ସକାଳୁ ବଜ୍ରପାତରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ରଘୁନାଥ ବେହେରା (୬୫)ସକାଳୁ ନିଜ ଚାଷ ଜମି ଦେଖିବାକୁ ଯାଇଥିବା ବେଳେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ରଘୁନାଥ ସେଠାରେ ଅଚେତ ହୋଇପଡ଼ିଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନିର୍ଯାତନା, ସ୍ୱାମୀ ଗିରଫ

ଡେଲାଙ୍ଗ,୨।୬(ଡି.ଏନ.ଏ.) ଡେଲାଙ୍ଗ ଥାନା ଅଞ୍ଚଳରେ ଜଣେ ମହିଳାକୁ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ବୁଧବାର ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟଚାଲଣ କରିଛି। ସେ ହେଲେ ହୁରୁହୁରା ଗ୍ରାମର ସୁମନ୍ତ ପ୍ରଧାନ (୩୪)। ଲିଖିତ ଅଭିଯୋଗ ଅନୁଯାୟୀ, ଏହି ଥାନା ଗାଉପଡା ଗ୍ରାମର ସୁମିତ୍ରା ପ୍ରଧାନ ୧୦ ବର୍ଷ ତଳେ ସୁମନ୍ତ ପ୍ରଧାନଙ୍କୁ ବିବାହ କରିଥିଲେ। ସେତେବେଳେ ଝିଅଘର ପକ୍ଷରୁ ଯୌତୁକ ଦିଆଯାଇଥିଲା। କିଛିଦିନ ପରେ ଶାଶୁ ଓ ସ୍ୱାମୀ ଅଧିକ ଯୌତୁକ ଆଣିବାକୁ ବୋହୂ ଉପରେ ଚାପ ପକାଇଥିଲେ। ଗତ ୨୯ ତାରିଖରେ ଶାଶୁ ଓ ସ୍ୱାମୀ ମିଶି ସୁମିତ୍ରାଙ୍କୁ ନାନା ନିର୍ଯାତନା ଦେବା ସହ ମାଡ଼ ମାରିଥିଲେ। ସେଠାରୁ ସେ ପଡ଼ୋଶୀ ଘରେ ଆଶ୍ରୟନେବା ସହ ବାପଘରକୁ ଜଣାଇବା ପରେ ସେଠାରୁ ତାଙ୍କୁ ଉଦ୍ଧାର କରି କଣାସ ମେଡିକାଲ ନେଇଥିଲେ। ଏ ନେଇ ସୁମିତ୍ରା ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ନଂ.୧୩୫/୨୧ରେ ମାମଲା ରୁଜୁ କରି ତଦନ୍ତ ପରେ ସୁମନ୍ତଙ୍କୁ ଗିରଫ କରିଛି।

### କେଶରପୁରରେ ଅଗ୍ନିକାଣ୍ଡ

କଣାସ,୨।୬(ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଦୋକନ୍ଦା ପଞ୍ଚାୟତର କେଶରପୁର ଗ୍ରାମରେ ବୁଧବାର ରାମଚନ୍ଦ୍ର ସୁନ୍ଦରାୟଙ୍କ ବାସଗୃହରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଗୃହଟି ଜଳିଯାଇଛି। ଗ୍ରାମର ଯୁବକ ରାଜେଶ ହରିଚନ୍ଦନ, ସୁନୁ ପଟ୍ଟନାୟକ, ବିକାଶ ପଟ୍ଟନାୟକ, ତପନ ନରେନ୍ଦ୍ର, ପ୍ରଶନ୍ନ ହରିଚନ୍ଦନ ଏବଂ ଗ୍ରାମବାସୀ ପାଣିପକାଇ ନିଆଁ ଲିଭାଇଥିଲେ। ଖବରପାଇ କଣାସରୁ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ପରେ ତହସିଲଦାର ଲକ୍ଷ୍ମୀଧର ମହାରଣା ଓ ରାଜସ୍ୱ ନିରୀକ୍ଷକ ବିପନ୍ନ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ।

### କ୍ଷୁଦ୍ର ବ୍ୟବସାୟୀଙ୍କୁ ସହାୟତା ପାଇଁ ସ୍ମାରକପତ୍ର

ସାକ୍ଷୀଗୋପାଳ,୨।୬(ଡି.ଏନ୍.ଏ.)- ପୁରୀ ଜିଲା ସାକ୍ଷୀଗୋପାଳ ବଜାରରେ ଛୋଟ ଛୋଟ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ବ୍ୟବସାୟୀମାନେ ଲକ୍‌ଡାଉନ ଯୋଗୁ ଜୀବିକା ହରାଇଛନ୍ତି। କେତେକ ଭୋକରେ ଦିନ କାଟୁଥିବା ବେଳେ ଦୋକାନ ଭଡ଼ା ଓ ବିଦ୍ୟୁତ୍ ଦେୟ ଦେବା ଅସମ୍ଭବ ହୋଇଛି। ଏପରିକି ପରିବାର ଚଳାଇବା ମଧ ଦିନକୁ ଦିନ କାଠିକାର ପାଠ ହୋଇପଡ଼ିଛି। ଏଭଳି ଦୁର୍ଦ୍ଦିନ ସମୟରେ ରାଜ୍ୟ ସରକାର ସାକ୍ଷୀଗୋପାଳ ବଜାରର ଉଠାଦୋକାନୀ, ଫାଷ୍ଟଫୁଡ, ଫଳ ଓ ପନିପରିବା ଆଦି ବିଭିନ୍ନ ପ୍ରକାରର ୭ଶହ କ୍ଷୁଦ୍ର ବ୍ୟବସାୟୀଙ୍କୁ ମାସିକ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇଦେବାକୁ ବଡ଼ବଜାର ବ୍ୟବସାୟୀ ସଂଘ ନିବେଦନ କରିଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସଂଘ ସଭାପତି ବୀରେନ୍ଦ୍ର ଭୂଷଣ ହୋତା ବୁଧବାର ପୁରୀ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

### ଲେଖିକା ମୀନାକ୍ଷୀ ଦେବୀଙ୍କ ପରଲୋକ

କଟକ ଅଫିସ, ୨।୬- ବିଶିଷ୍ଟ ଲେଖିକା ତଥା ଉତ୍କଳ ସାହିତ୍ୟ ସମାଜ ସାଧାରଣ ସମ୍ପାଦିକା ମୀନାକ୍ଷୀ ଦେବୀ(୬୬)ଙ୍କର ବୁଧବାର ପରଲୋକ ହୋଇଯାଇଛି। କଟକ ରାଜାବଗିଚା ଚକୋଲେଟ୍ ଲେନ୍‌ସ୍ଥିତ ବାସଗୃହରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଏସ୍‌ସିବି ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ଘୋଷଣା କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଶଶିଭୂଷଣ ତ୍ରିପାଠୀ ଉପସ୍ଥିତ ଥିଲେ। ଗୁରୁବାର ମୀନାକ୍ଷୀଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ। ୧୯୫୫ ଅଗଷ୍ଟ ୧ରେ ପୁରୀ ଜିଲା ଶ୍ରୀପୁରୁଷୋତ୍ତମପୁର ଗ୍ରାମରେ ମୀନାକ୍ଷୀ ଜନ୍ମଗ୍ରହଣ କରିଥିଲେ। ସେ ପ୍ରାୟ ୩୦ ପୁସ୍ତକ ରଚନା କରିଥିଲେ।

# କୋଭିଡ୍ ହସ୍ପିଟାଲ୍‌ରେ ଅଣକୋଭିଡ୍ ରୋଗୀ

## ଅକ୍ସିଜେନ୍ ସ୍ତର କମ୍ ଥିଲେ ଅନ୍ୟଠି ମିଳୁନି ଚିକିତ୍ସା ସୁବିଧା

ପୁରୀ ଅଫିସ,୨।୬:

କୋଭିଡ୍ ରିପୋର୍ଟ ନେଗେଟିଭ୍ ଆସିବା ସତ୍ତ୍ୱେ ରୋଗୀଙ୍କର ଅକ୍ସିଜେନ୍ ସ୍ତର କମୁଛି। ଫଳରେ ଅନେକ ରୋଗୀଙ୍କ ମୃତ୍ୟୁ ଘଟୁଛି। ତେବେ ସବୁଠାରୁ ବଡ଼ କଥା, ଏଭଳି ରୋଗୀଙ୍କୁ ପୁରୀ ଜିଲାରେ ସାଧାରଣ ଶଯ୍ୟାରେ ରହିବାକୁ ଦିଆଯାଉନାହିଁ। ବାଧହୋଇ ରୋଗୀମାନେ କୋଭିଡ୍ ହସ୍ପିଟାଲ୍‌ରେ ଭର୍ତ୍ତି ହେଉଛନ୍ତି। ସେମାନେ କୋଭିଡ୍ ହସ୍ପିଟାଲରେ ରହିବା ଯୋଗୁ ସଂକ୍ରମଣର ଭୟ ରହୁଛି। ପୁରୀ ଆଇଡିଏଚ୍‌ରେ ଏଭଳି ଅନେକ ରୋଗୀଙ୍କୁ ଭର୍ତ୍ତି କରାଯାଉଛି ଯେଉଁମାନଙ୍କ କୋଭିଡ୍ ରିପୋର୍ଟ ନେଗେଟିଭ୍। ତେବେ ସେମାନଙ୍କ ପାଖରେ ସଂକ୍ରମଣର ଲକ୍ଷଣ ସମେତ ଅକ୍ସିଜନ ସ୍ତର କମ୍ ଥିବା ଦେଖିବାକୁ ମିଳୁଛି। ବୁଧବାର ପୁରୀ ସହରରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି। ରେଣୁକା ସାହୁ ନାମ୍ନୀ ମହିଳାଙ୍କ କୋଭିଡ୍ ନେଗେଟିଭ୍ ଥାଇ ମଧ ଅକ୍ସିଜେନ୍ ସ୍ତର କମ୍ ଥିବାରୁ ତାଙ୍କର ମୃତ୍ୟ ଘଟିଛି। ଆଇଡିଏଚ୍ କୋଭିଡ୍ ଡାକ୍ତରଖାନାରେ ତାଙ୍କୁ ନେଗେଟିଭ୍ ବୋଲି କହି ହୋମ୍ ଆଇସୋଲେଶନ୍‌କୁ ପଠାଯାଇଥିଲା। ଏହାପରେ ତାଙ୍କଠାରେ ଅକ୍ସିଜେନ୍ ସ୍ତର କମ ଥିବା କାରଣରୁ ଆଇଡିଏଚ୍‌ରେ ଭର୍ତ୍ତି ହୋଇଥିଲେ। ଏହାପୂର୍ବରୁ ସେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ଡାକ୍ତରଖାନା ମଧ ଯାଇଥିଲେ। ନେଗେଟିଭ୍ ଥିବା ସତ୍ତ୍ୱେ ଅକ୍ସିଜେନ୍ ସ୍ତର କମ୍ ଥିବାରୁ ତାଙ୍କୁ ଅଣକୋଭିଡ୍ ହସ୍ପିଟାଲ୍‌ରେ ରଖାଯାଇ ନ ଥିଲା। ତେଣୁ ବାଧ ହୋଇ ତାଙ୍କ ପୁତ୍ର ସୋନୁ ତାଙ୍କୁ ପୁରୀ ଆଇଡିଏଚ୍‌ରେ ଭର୍ତ୍ତି କରିଥିଲେ। ଏ ନେଇ ପୁରୀ କୋଭିଡ୍ ହସ୍ପିଟାଲ ଦାୟିତ୍ୱରେ ଥିବା ଡାକ୍ତର ଦେବଦୁର୍ଲଭ ନାୟକଙ୍କୁ ପଚାରିବାରେ କହିଛନ୍ତି, ଏଭଳି ଅନେକ ରୋଗୀ ଏବେ ଆଇଡିଏଚ୍‌ରେ ଭର୍ତ୍ତି ହେଉଛନ୍ତି, ଯେଉଁମାନଙ୍କ ରିପୋର୍ଟ ନେଗେଟିଭ୍ ମାତ୍ର ଅକ୍ସିଜେନ୍ ସ୍ତର କମ୍। ସ୍ୱାସ୍ଥ୍ୟବସ୍ଥା ସାମାନ୍ୟ ସୁଧାର ହେବା ପରେ ସେମାନଙ୍କୁ ହୋମ୍ ଆଇସୋଲେଶନ୍‌କୁ ପଠାଯାଉଛି।

ଅନ୍ୟପକ୍ଷରେ ରେଣୁକାଙ୍କ ମୃତ୍ୟୁ ହେବା ପରେ ସ୍ୱର୍ଗଦ୍ୱାରରେ ମୃତଦେହ ସତ୍କାର ବେଳେ ବିବାଦ ଦେଖା ଦେଇଥିଲା। ସ୍ୱର୍ଗଦ୍ୱାର କର୍ମଚାରୀଙ୍କ କହିବା କଥା ଯେ, ଆଇଡିଏଚ୍‌ରୁ ମୃତ ଘୋଷିତ ହୋଇଥିବାରୁ କୋଭିଡ୍ ଶ୍ମଶାନ ଘାଟରେ ଶେଷକୃତ୍ୟ ହେବା କଥା। ମାତ୍ର ରୋଗୀଙ୍କ ପରିଜନଙ୍କ ଯୁକ୍ତି, ରୋଗୀ ନେଗେଟିଭ୍ ଥିବାରୁ ତାଙ୍କ ଶେଷକୃତ୍ୟ ସ୍ୱର୍ଗଦ୍ୱାରରେ ହିଁ ହେବ। ଶେଷରେ ସଂପୃକ୍ତ ମୃତକଙ୍କର ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିଲା।



ଚନ୍ଦନ ଚାପରେ ମହାପ୍ରଭୁଙ୍କ ପାଇଁ ତିଆରି ଚାଲିଥିବା ବିଭିନ୍ନ ବେଶକୁ ଜଣେ ସିଙ୍ଗାଡ଼ି ସଜାଡ଼ି ରଖୁଛନ୍ତି।

## ରଥଖଳାରେ ଭୋଇ ସେବକ ଆହତ

ପୁରୀ ଅଫିସ, ୨।୬

ରଥଖଳାରେ ବୁଧବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ରଥ ନିର୍ମାଣରେ ନିୟୋଜିତ ଥିବା ଭୋଇ ସେବକ ବଳରାମ ଭୋଇ (୪୦) ଦୁର୍ଘଟଣାରେ ଆହତ ହୋଇଛନ୍ତି। ସେ ମା’ ସୁଭଦ୍ରାଙ୍କ ଦେବଦଳନ ରଥର ନିର୍ମାଣ କାର୍ଯ୍ୟ କରୁଥିଲେ। ଦୁର୍ଘଟଣାରେ ତାଙ୍କର ଡାହାଣ ଗୋଡର ଗୋଇଠି ଭାଙ୍ଗିଯାଇଛି। ତେବେ ସେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ଅପରାହ୍ନରେ କିଛି ଭୋଇ ସେବକ ରଥର ଗୟଳ କଟା କାର୍ଯ୍ୟ ପାଇଁ ରଥକାଠକୁ କାଠ ବୁହା ଶଗଡିରେ ଚେନ ମାଧ୍ୟମରେ ଦୋଳବେଦି ମଧ୍ୟକୁ ନେଉଥିଲେ। ତେବେ କାଠ ନେବା ସମୟରେ ଦୋଳବେଦି ଛକ ନିକଟରେ ଶଗଡି ଓ କାଠ ମଧ୍ୟରେ ବନ୍ଧାଯାଇଥିବା ଚେନ୍‌ଟି ଛିଡ଼ିଯାଇଥିଲା ଫଳରେ କାଠ ଉପରେ ଠିଆ ହୋଇଥିବା ବଳରାମ ଛିଟିକି ତଳେ ପଡ଼ିଯାଇଥିଲେ। ତାଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ହସ୍ପିଟାଲ ନେଇଥିଲେ।

## ଜିଲାପାଳଙ୍କ କୋଭିଡ୍ ହସ୍ପିଟାଲ ପରିଦର୍ଶନ

ପୁରୀ ଅଫିସ,୨।୬:

ପୁରୀ ଜିଲାପାଳ ସମର୍ଥ ବର୍ମା ଶ୍ରୀଜଗନ୍ନାଥ ମେଡିକାଲ କଲେଜସ୍ଥିତ କୋଭିଡ୍ ହସ୍ପିଟାଲ୍ ପରିଦର୍ଶନ କରି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସ୍ଥିତି ସମୀକ୍ଷା କରିଛନ୍ତି। ବୁଧବାର ଜିଲାପାଳ ବର୍ମା ପିପିଇ କିଟ୍ ପିନ୍ଧି ରୋଗୀଙ୍କୁ ଭେଟିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଠିକ୍ ସମୟରେ ସ୍ୱାସ୍ଥ୍ୟ ସୁବିଧା ମିଳୁଛି କି ନାହିଁ, ରୋଗୀଙ୍କ ରହଣି ଓ ଖାଦ୍ୟପେୟ ସୁବିଧାଜନକ ଭାବେ ହୋଇପାରୁଛି କି ନାହିଁ ସେନେଇ ପଚାରି ବୁଝିଛନ୍ତି। ସେହିଭଳି ଆଇଡିଏଚ୍‌ପରେ ଜିଲାରେ ଆଇସିୟୁ ସୁବିଧା କୋଭିଡ୍ ରୋଗୀଙ୍କ ପାଇଁ ଏହି ହସ୍ପିଟାଲ୍‌ରେ ରହିଛି। ଏଣୁ ଏହାର ପରିଚାଳନା ବ୍ୟବସ୍ଥିତ ଭାବେ କରାଇବା ଉପରେ ଜିଲାପାଳ ଧ୍ୟାନ ଦେଇଛନ୍ତି। ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଓ ପରିଚାଳକମାନଙ୍କ ସହ କୋଭିଡ୍ ପ୍ରୋଟୋକଲ୍ ସମ୍ପର୍କରେ ଆଲୋଚନା କରିବା ସହ କିଭଳି ଭାବେ ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସୁବିଧା ମିଳିବ ସେନେଇ ତାଗିଦ କରିଛନ୍ତି। ଏ ନେଇ ଜିଲାପାଳ କହିଛନ୍ତି, ଜଗନ୍ନାଥ ମେଡିକାଲ କଲେଜରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ଉଦ୍ୟମ ନିହାତି ପ୍ରଶଂସାଯୋଗ୍ୟ। ଆଗକୁ ମଧ ଏଭଳି ସ୍ୱାସ୍ଥ୍ୟ ସୁବିଧା ଯୋଗାଇବା ପାଇଁ କୁହାଯାଇଛି।

## ରଥଖଳାରୁ

# ଆଜି ଭଉଁରିରେ ଅଖ ଡେରା ନୀତି



ପୁରୀ ଅଫିସ,୨।୬

ରଥଖଳାରେ କଟକଣା ମଧ୍ୟରେ ରଥ ନିର୍ମାଣ କାର୍ଯ୍ୟ ଚାଲିଛି। ରଥ ସଂହିତା ଅନୁଯାୟୀ ଭଉଁରି ତିଥିରେ ତିନି ରଥର ଚକ ଅଖ ଡେରା ନୀତି ସମ୍ପନ୍ନ ହୋଇଥାଏ। ଗୁରୁବାର ଭଉଁରି ତିଥି ଥିବାରୁ ଚକ ଅଖ ଡେରା ନୀତି ଅନୁଷ୍ଠିତ ହେବ। ତେବେ ଚକ ଅଖ ସଂଯୋଗ ବା ଚକ ଅଖ ଡେରା ନୀତି ହେବାର ନିର୍ଦ୍ଧାରିତ ସମୟ ପୂର୍ବରୁ ରଥଖଳାରେ ଚକ ଅଖ ନିର୍ମାଣ ପ୍ରସ୍ତୁତି ସରିଛି। ତିନି ରଥର ମୋଟ ୪୨ଟି ଚକ ମଧ୍ୟରୁ ୧୫ରୁ ଊର୍ଦ୍ଧ୍ୱ ଚକର କାର୍ଯ୍ୟ ସରିଛି। ସେଥିମଧ୍ୟରୁ ତାଳଧ୍ୱଜ ରଥର ୬ଟି ଚକ, ଦେବଦଳନ ରଥର ୫ଟି ଚକ ଏବଂ ନନ୍ଦିଘୋଷ ରଥର ୬ଟି ଚକ ସମ୍ପୂର୍ଣ୍ଣ ହୋଇଛି। ତାଳଧ୍ୱଜ ରଥର ଆଉ ୨ଟି ଚକର କାମ ଆରମ୍ଭ ହୋଇଛି। ବୁଧବାର କାମ ଶେଷ ବେଳକୁ ୭ମ ଚକ ପାଇଁ ତୁମ୍ବରେ ଅରରେ ପଇ ଲାଗି ସାରିବା ସହ କଳସା କାମ ସରିଛି। ତେବେ ବିଲେଇ ବାଡ଼ିଆ ପରେ ୭ମ ଚକା କାର୍ଯ୍ୟ ଶେଷ ହେବ। ଏଥିସହ ଅଷ୍ଟମ ଚକା ପାଇଁ ତୁମ୍ବରେ ଅର ଲାଗି ସିଙ୍ଗଡ଼ା ବାଡ଼ିଆ ପ୍ରସ୍ତୁତ ଚାଲିଛି। ଦେବଦଳନ ରଥର ୫ଟି ଚକ ଶେଷ ହୋଇ, ଷଷ୍ଠ ଚକର ତୁମ୍ବରେ ଅର ଲାଗି ହୋଇ ସିଙ୍ଗଡ଼ା ବାଡ଼ିଆ ହୋଇ ଅର କଟିଂ ସହ ଅର ସାଲ ସରିଛି। ୭ମ ଚକ ପାଇଁ ତୁମ୍ବରେ ଅର ଲାଗି ହୋଇ ପଇ ବିନ୍ଧ କାମ ଚାଲିଛି। ନନ୍ଦିଘୋଷ ରଥର ୬ଟି ଚକ ସମ୍ପୂର୍ଣ୍ଣ ହୋଇ ଆଉ ୨ଟି ଚକ, ସପ୍ତମ ଏବଂ ଅଷ୍ଟମ ଚକର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୭ମ ଚକର ତୁମ୍ବରେ ଅର ପଇ ଲାଗି ହୋଇ ପଇ କଳସା କାମ ଚାଲୁଛି । ୮ ମ ଚକର ତୁମ୍ବରେ ଅର ଲାଗି ହୋଇ ସିଙ୍ଗଡ଼ା ବାଡ଼ିଆ ସରିଛି । ନନ୍ଦିଘୋଷ ରଥର ୮ ଟି ଅଖ ମଧ୍ୟରୁ ୨ଟି ନାହାକା ଅଖ ୨ଟି ପଡିନାହାକା ଅଖ ଦୁଇ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଶେଷ ହୋଇଥିବାବେଳେ, ବୁଧବାର ୨ଟି ବଡ ଉଛଳା ଅଖ ଏବଂ ଦୁଇଟି ସାନ ଉଛଳା ବ୍ରେକ ଅଖର ଦୁଇ ପାର୍ଶ୍ୱ ଗୋଲେଇ କାମ ଚାଲୁ ରହିଛି। ଅପରପକ୍ଷରେ ଦୋଳବେଦି ସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତୁମ୍ବ ପାଇଁ ପନ୍ଦାରି, ବଳା ନିର୍ମାଣ ଶେଷ ପରେ ୬ ଏମ୍‌ଏମ୍‌ର ପନ୍ଦାରି ଚାବି, ୧୬ ଏମ ଏମର ଗୟଲ କଣ୍ଟା ଯୋଖା, କଇଁଚି ଏବଂ ଛନ୍ଦା ଗୟଳରେ ଲାଗିବା ପାଇଁ କଣ୍ଟା ନିର୍ମାଣ ଜାରି ରହିଛି। ମଧ୍ୟାହ୍ନରେ ମୁଖ୍ୟ ପ୍ରଶାସକ ଡ.କ୍ରିଷନ କୁମାର ଏବଂ ଉପ ମୁଖ୍ୟ ପ୍ରଶାସକ ତଥା ଜିଲାପାଳ ରଥଖଳାକୁ ଯାଇ ରଥ ନିର୍ମାଣ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ତେବେ ବୁଧବାର ରଥନିର୍ମାଣ କାର୍ଯ୍ୟରେ ୧୮୩ ଜଣ କାରିଗର ନିୟୋଜିତ ରହିଥିଲେ।



ପ୍ରବଚକ ଚାରଣ ରାମଦାସଙ୍କ ଏକାଦଶାହରେ ଶିଳ୍ପୀ ଶ୍ରୀଧର ଦାସ ପୁରୀଠାରେ ବୁଧବାର ସ୍ୟାଣ୍ଡ ଆନିମେଶନ ଦ୍ୱାରା ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ।

# ଯନ୍ତ୍ରୀଙ୍କ ସହ ୨ ବ୍ଲକ କର୍ମଚାରୀଙ୍କୁ ନୋଟିସ

## ପଞ୍ଚାୟତ ପୋଖରୀରୁ ମାଟି ବିକିବା ଘଟଣା

ଗୋପ,୨।୬(ଡି.ଏନ୍.ଏ.)

ଗୋପ ବ୍ଲକ କୁଆଁପଡା ପଞ୍ଚାୟତ ଅଧୀନ ଆଳିସି ଗ୍ରାମରେ ଥିବା ପଞ୍ଚାୟତ ପୋଖରୀରେ ଜଣେ ଲୋକ ପ୍ରତିନିଧି ବେଆଇନ ଭାବେ ଜେସିବି ଲଗାଇ ମାଟି ଖୋଳି ବିକିବା ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମିଥ୍ୟା ବିଲ୍ କରିବା ଉଦ୍ୟମକୁ ନେଇ ଗୋପ ବିଡିଓ ଦୀପ୍ତିରାଣୀ ଦାସଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ନେଇ ବିଡିଓଙ୍କ ନିର୍ଦ୍ଦେଶରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ମୋନାଲିସା ଶତପଥୀ, ବ୍ଲକ ପଞ୍ଚାୟତ ଅଧିକାରୀ ଜୟଶ୍ରୀ ମିଶ୍ର ତଦନ୍ତ କରି ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ, ପଞ୍ଚାୟତ ଅଧିକାରୀ ଓ ଗ୍ରାମ୍ୟ ସଂଯୋଜକଙ୍କୁ ନୋଟିସ ଜାରି କରାଯାଇଛି। ସୂଚନାଯୋଗ୍ୟ, ଗତ ସପ୍ତାହରେ ଆଳିସି ଗ୍ରାମରେ ଥିବା ମଇଶାଳ ପୋଖରୀରେ ପଞ୍ଚାୟତର ଲୋକ ପ୍ରତିନିଧି ଜେସିବି ଲଗାଇ ମାଟି ଖୋଳି ବିକ୍ରି କରିଥିଲେ। ପରେ ପୋଖରୀର ଚତୁଃପାର୍ଶ୍ୱରେ ମାଟି ବେଢ଼ା କରିବା ପରେ ଏହି ପୋଖରୀକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଲକ୍ଷାଧିକ ଟଙ୍କାର ମିଥ୍ୟା ବିଲ୍ କରିବା ପାଇଁ ଉଦ୍ୟମ କରିଥିଲେ। ଏହି ଘଟଣାକୁ ନେଇ ଗତ ୨୭ ତାରିଖରେ ବିଡିଓ ଦାସଙ୍କ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଅଭିଯୋଗପତ୍ର ଦିଆଯାଇଥିଲା। ବିଡିଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ବ୍ଲକ କାର୍ଯ୍ୟକ୍ରମ ଅଧିକାରୀ ଓ ବ୍ଲକ ପଞ୍ଚାୟତ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗତ ୩୧ ତାରିଖ ଦିନ ବ୍ଲକର ୨ ଅଧିକାରୀ କୁଆଁପଡା ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ସତ୍ୟନାରାୟଣ ତ୍ରିପାଠୀଙ୍କ ସହ ପଞ୍ଚାୟତ ଅଧିକାରୀ, ପଞ୍ଚାୟତ ଗ୍ରାମ୍ୟ ରୋଜଗାର ସେବକଙ୍କୁ ସମ୍ପୃକ୍ତ କାମ ଉପରେ ଫାଇଲ ଖୋଲାଯାଇଛିକିନାହିଁ, ଟଙ୍କା ମଞ୍ଜୁର ହୋଇଛି କି ନାହିଁ, କାର୍ଯ୍ୟର ମଷ୍ଟରରୋଲ ବାହାରିଛି କି ନାହିଁ, ସମ୍ପୃକ୍ତ ପୋଖରୀର କାମ କରାଯାଇଛି କି ନାହିଁ ସହିତ ଆଉ କେତେକ କାର୍ଯ୍ୟ ଉପରେ ନୋଟିସ ମଗାଯାଇଛି ବୋଲି ୨ ଅଧିକାରୀ ସୂଚନା ଦେଇଛନ୍ତି । ଅପରପକ୍ଷେ ଏହି ପଞ୍ଚାୟତରେ ଆଉ କେତେକ ରାସ୍ତା, ଶ୍ମଶାନ, ପୋଖରୀ, ଖେଳପଡିଆକୁ ମଧ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ମିଥ୍ୟା ବିଲ କରାଯିବା ଲାଗି ଯୋଜନା କରାଯାଉଥିବା ଭଳି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ଦାସ କହିଛନ୍ତି, ଅଭିଯୋଗକୁ ତଦନ୍ତ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯିବ।

# ୨ ବାଇକ୍ ଦୁର୍ଘଟଣା, ୪ ଆହତ

ନିମାପଡ଼ା,୨।୬(ଡି.ଏନ୍.ଏ.)

ନିମାପଡ଼ା ଥାନା ଅନ୍ତର୍ଗତ ଗୋଲେଇ ଛକରେ ବୁଧବାର ମଧ୍ୟାହ୍ନରେ ୨ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଉଭୟ ଆରୋହୀ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲ ନେଇଥିଲେ। ଆହତଦ୍ୱୟ ହେଲେ ବଡ଼ରିକୋଲ ଗ୍ରାମର ଆଲୋକ ପାଢ଼ୀ ଓ ଚାରିଛକ ଫାଣ୍ଡି ଅମରେଶ୍ୱର ହୀରାପାଟଣାର ବିଭୁପ୍ରସାଦ ଦାଶ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ସେହିପରି ବୁଧବାର ପୂର୍ବାହ୍ନରେ ନିମାପଡ଼ା-ବଳଙ୍ଗା ରାସ୍ତାର ନୂଆରକରି ଛକ ନିକଟରେ ଗୋଟିଏ ବାଇକ୍ ଅନ୍ୟ ଏକ ବାଇକ୍ ପଛରୁ ଧକ୍କାଦେବାରୁ ୨ବାଇକ୍ ଆରୋହୀ ଆହତ ହୋଇଛନ୍ତି। ସେମାନେ ହେଲେ ଉଣ୍ଟି ଗ୍ରାମର ଅନୀଲ ରାଉତ ଓ ତୋରବାଙ୍ଗ ଗ୍ରାମର ବିଷ୍ଣୁ ଜେନା। ଉଭୟେ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

# ଲୁଟ୍ ବୋଲେରୋ ଜବତ, ଜଣେ ଗିରଫ

ଡେଲାଙ୍ଗ,୨।୬(ଡି.ଏନ୍.ଏ.)

ଡେଲାଙ୍ଗ ଅଞ୍ଚଳରୁ ମଙ୍ଗଳବାର ରାତିରେ ଏକ ବୋଲେରୋକୁ ୨ ଦୁର୍ବୃତ୍ତ ଲୁଟି ନେଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଗାଡ଼ିଟି ବାଲିପାଟଣା ଥାନା ଚିତଳପୁର ଗ୍ରାମରେ ଥିବା ବିଶେଷ ସୂତ୍ରରୁ ପୋଲିସ ଖବରପାଇ ସେଠାକୁ ଯାଇ ଗାଡ଼ିକୁ ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଖୋର୍ଦ୍ଧା -ପଟ୍ଟନାୟିକିଆ ରାସ୍ତାର ବେରବୋଇ କୁକୁଡା ଫାର୍ମ ନିକଟରେ ମଙ୍ଗଳବାର ରାତିରେ ୨ଜଣ ଯୁବକ ସ୍କୁଟିରେ ଆସି ଏକ ବୋଲେରୋକୁ ଅଟକାଇଥିଲେ। ଡ୍ରାଇଭର ବେରବୋଇ ଗ୍ରାମର ସୁକାନ୍ତ ପ୍ରଧାନ ଗାଡି ବାହାରକୁ ଆସିବାବେଳେ ୨ଯୁବକ ତାଙ୍କୁ ମାଡ଼ ମାରି ଟଙ୍କା, ମୋବାଇଲ, ଗାଡ଼ି ଚାବି ମାଗୁଥିଲେ। ପାଟିତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ପହଞ୍ଚିବାରୁ ଚୋର ଦ୍ୱୟ ନିଜ ସ୍କୁଟି ଛାଡି ବୁଲେରୋ(ଓଡି-୦୨ଏଫ-୯୩୦୧)କୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଡ୍ରାଇଭର ଥାନାର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟି ଜବତ କରି ଥାନାକୁ ନେଇଥିଲେ। ସ୍କୁଟି (ଓଡି-୧୩ଡି-୯୦୬୨)ନମ୍ବରକୁ ଆଧାରକରି ସ୍କୁଟି ମାଲିକକୁ ଧରିବା ଜାଲ ବିଛାଇଥିଲେ । ସ୍କୁଟି ଚାଳକ ଜଣକ ପିପିଲି ଥାନା ଅଞ୍ଚଳର ଭାରତିପୁର ଗ୍ରାମର ଜ୍ୟୋତିରଞ୍ଜନ ପଟ୍ଟନାୟକ (୨୨)ଙ୍କୁ ଗିରଫ କରି ପଚରାଉଚରା ପରେ ଗାଡ଼ିଟି ଚିତଳପୁରରେ ଲୁଚାଇଥିବା କହିଥିଲେ। ଏ ନେଇ ପୋଲିସ ନଂ.୧୩୬/୨୧ ମାମଲା ରୁଜୁ କରି ଅନ୍ୟ ଜଣଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।

# ଚିକିତ୍ସା ଅବହେଳାରୁ ମହିଳାଙ୍କ ମୃତ୍ୟୁ ଅଭିଯୋଗ

## ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଅଫିସ,୨।୬

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅବହେଳାରୁ ବୁଧବାର ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ମୃତା ହେଲେ କୁମ୍ଭାରପଡାର ଚୈତନ୍ୟ ବିଶୋଇଙ୍କ ସ୍ତ୍ରୀ ମୀନାରାଣୀ। ଏ ନେଇ ତାଙ୍କ ଭଣଜା ପୂର୍ଣ୍ଣଚନ୍ଦ୍ର ବେହେରା ଜିଲା ଉପ ଚିକିତ୍ସା ଅଧିକାରୀଙ୍କ ଜରିଆରେ ଜିଲା ଚିକିତ୍ସା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ଣ୍ଣଚନ୍ଦ୍ରଙ୍କ କହିବା ଅନୁଯାୟୀ, ବୁଧବାର ତାଙ୍କ ମାଇଁ ମୀନାରାଣୀଙ୍କ ଦେହ ଖରାପ ହେବାରୁ ଚିକିତ୍ସା ପାଇଁ ଦିନ ପ୍ରାୟ ୧୧ ଟା ୪୦ରେ ପୁରୀ ମେଡିକାଲ ଆଣିଥିଲେ। ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜରୁରୀ ଚିକିତ୍ସା ସହ ଅକ୍ସିଜେନ ଦେବାପାଇଁ ଡ୍ୟୁଟିରେ ଥିବା ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ତେବେ ଡାକ୍ତର ତାଙ୍କର ଚିକିତ୍ସା କରିବା ପରିବର୍ତ୍ତେ ମହିଳା ୱାର୍ଡକୁ ବା ଇନ୍‌ଡୋରକୁ ନେବା ପାଇଁ କହିଥିଲେ। ରୋଗୀଙ୍କୁ ମହିଳା ୱାର୍ଡକୁ ନେବା ପରେ ମଧ ତାଙ୍କର ଚିକିତ୍ସା କରାଯାଇ ନ ଥିଲା। ପ୍ରାୟ ଅଧଘଣ୍ଟା ପରେ ଡାକ୍ତର ୱାର୍ଡରେ ପହଞ୍ଚିବା ବେଳକୁ ମୀନାରାଣୀଙ୍କ ମୃତ୍ୟୁ ହୋଇଥିଲା ବୋଲି ପୂର୍ଣ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ମାଇଁ ମୀନାରାଣୀଙ୍କ ମୃତ୍ୟୁ ପାଇଁ ଚିକିତ୍ସା ଦାୟିତ୍ୱରେ ଥିବା ଜଣେ ଡାକ୍ତର ଦାୟୀ ବୋଲି ସେ କହିଛନ୍ତି। କାରଣ ସେ ଚିକିତ୍ସାରେ ଅବହେଳା କରିବାରୁ ମାଇଁଙ୍କ ମୃତ୍ୟୁ ଘଟିଛି। ତେଣୁ ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ମୀନାରାଣୀଙ୍କ ମୃତ୍ୟୁ ପାଇଁ ଦାୟୀ ଥିବା ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଜିଲା ଚିକିତ୍ସା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# ଡାକ୍ତରଙ୍କ ବଦଳି ବାତିଲ ଦାବିରେ ଧାରଣା

- ସ୍ୱାସ୍ଥ୍ୟକେନ୍ଦ୍ରରେ ୩ଦିନ ମିଳୁଥିଲା ସେବା
- ଅନ୍ୟ ଡାକ୍ତର ନ ଥିବାରୁ ବଦଳିକୁ ବିରୋଧ

ପିପିଲି,୨।୬(ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ବ୍ଲକର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଡାକ୍ତରଙ୍କ ବଦଳି ନିର୍ଦ୍ଦେଶ ହୋଇଥିଲା। ହେଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ କେହି ଡାକ୍ତର ନ ଥିବାରୁ ଗ୍ରାମବାସୀ ଏହି ବଦଳିକୁ ବାତିଲ କରିବା ପାଇଁ ଦାବି କରିଥିଲେ। ଏପରି କି ବୁଧବାର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ସ୍ୱାସ୍ଥ୍ୟକେନ୍ଦ୍ର ସୁରକ୍ଷା ସମିତିର ସଭାପତି ସଦାଶିବ ଦାଶ, ଆମ୍ବ ଅଧକ୍ଷ ପିପିଲି ଧରଣୀଧର ସାହୁ, ବ୍ଲକ କଂଗ୍ରେସ ସଭାପତି ଜିତୁ ପ୍ରକାଶ ପରିଡା, ଯୁବନେତା ପ୍ରିୟବ୍ରତ ସାମନ୍ତରାୟ, ପିପିଲି ବ୍ଲକ ପୂର୍ବତନ ଅଧକ୍ଷା ଅନ୍ନପୂର୍ଣ୍ଣା ବେହେରାଙ୍କ ସମେତ ଗ୍ରାମବାସୀ ଧାରଣା ଦେଇଥିଲେ। ପ୍ରାୟ ଅଢ଼େଇ ଘଣ୍ଟା ପରେ ବିଡିଓ ରଶ୍ମିତା ନାଥ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏଚ୍‌ଓ ବିନୟ କୁମାର ପଣ୍ଡା ସହ ଜିଲାର ବରିଷ୍ଠ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସବୁ ଆଲୋଚନା ପରେ ଡାକ୍ତରଙ୍କ ବଦଳି ବାତିଲ ହେବାର ନିଷ୍ପତ୍ତି ଆସିବା ପରେ ଗ୍ରାମବାସୀ ଆନ୍ଦୋଳନ ପ୍ରତ୍ୟାହୃତ କରିଥିଲେ।



ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଧାରଣା ଦେଇଥିବା ଆନ୍ଦୋଳନକାରୀଙ୍କ ସହ ବିଡିଓ ଆଲୋଚନା କରୁଛନ୍ତି ।

ସୂଚନାଥାଉକି, ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୧୦ରୁ ଅଧିକ ପଞ୍ଚାୟତବାସୀ ନିର୍ଭର କରନ୍ତି। ହେଲେ ଏହି ଡାକ୍ତରଖାନାରେ ଡାକ୍ତର ଅଭାବ ଥିବାରୁ ନିକଟବର୍ତ୍ତୀ କମାକନ୍ତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପ୍ରଜ୍ଞା ସିଦ୍ଧାର୍ଥଙ୍କୁ ଏଠାରେ ସାପ୍ତାହିକ ତିନିଦିନ ରୋଗୀ ସେବା ପାଇଁ ପୁରୀ ମୁଖ୍ୟ ଜିଲା ଚିକିତ୍ସାଧିକାରୀ ୩୩୬୬/୭.୫.୨୦ ଚିଠି ନମ୍ବରରେ ନିର୍ଦ୍ଦେଶ ଦେଇଥିଲେ। ସେହିଦିନ ଠାରୁ ଡା. ପ୍ରଜ୍ଞା ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ସପ୍ତାହର ସୋମ, ବୁଧ ଓ ଶୁକ୍ରବାର ରୋଗୀ ସେବା କରିଆସୁଥିଲେ। ତେବେ କୌଣସି କାରଣ ନ ଥାଇ ମେ ୧୯ରେ ଡା. ସିଦ୍ଧାର୍ଥଙ୍କୁ କମାକନ୍ତିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସପ୍ତାହସାରା ରୋଗୀ ସେବା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ମହାମାରୀ ସମୟରେ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ କେହି ଡାକ୍ତର ନ ଥିବାବେଳେ ଏହି ଡାକ୍ତରଙ୍କ ହଠାତ୍ ବଦଳିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଡା. ପ୍ରଜ୍ଞାଙ୍କ ବଦଳି ନିର୍ଦ୍ଦେଶକୁ ବାତିଲ ପାଇଁ ଗ୍ରାମବାସୀ ଦାବି କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସୁରକ୍ଷା ସମିତି ପକ୍ଷରୁ ଉଚ୍ଚ ପଦାଧିକାରୀଙ୍କୁ ସମସ୍ତ ବିଷୟ ଅବଗତ କରାଯାଇଥିଲେ ବି କୌଣସି ସୁଫଳ ନ ମିଳିବାରୁ ବୁଧବାର ସକାଳ ୧୦ଟାରେ ଧାରଣା ଦିଆଯାଇଥିଲା। ଖବରପାଇ ବିଡିଓ ନାଥ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଇବା ଡାକ୍ତରଙ୍କ ବଦଳି ବାତିଲ୍ କରିଥିଲେ।